## ୨୮ରେ ଜିଲା କ୍ରୀଡା ସଂଘ ନିର୍ବାଚନ

ସମ୍ବଲପୁର (ବ୍ୟୁରୋ): ଆସନ୍ତା ୨୮ରେ ସମ୍ବଲପୁର ଜିଲା କ୍ରୀଡା ସଂଘ ନିର୍ବାଚନ ହେବ। ଏ ନେଇ ମଙ୍ଗଳବାର ତପସ୍ୱିନୀ ପ୍ରେକ୍ଷାଳୟଠାରେ କୋଷାଧକ୍ଷ ତଥା ଜିଲା କ୍ରୀଡା ଅଧିକାରୀ ଜୟଶ୍ରୀ ପାଢ଼ୀ କରିଚାଳନାରେ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସଂଘରେ ଜିଲାପାଳ ସ୍ଥାୟୀ ସଭାପତି ଓ ଏସ୍‌ପି ଉପସଭାପତି ଭାବେ ରହିଥାନ୍ତି। ତେଣୁ ସାଧାରଣ ସମ୍ପାଦକ, ୨ଟି ଉପସଭାପତି, ୧ଟି କୋଷାଧକ୍ଷ, ଫୁଟବଲ ସମ୍ପାଦକ, ହକି ସମ୍ପାଦକ, କ୍ରିକେଟ ସମ୍ପାଦକ, ଆଥଲେଟିକ ସମ୍ପାଦକ, ଗେମ୍ସ ସମ୍ପାଦକ ସମେତ ୧୦ଟି କାଉନସିଲ ସଭ୍ୟ ସକାଶେ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ହୋଇଛି।

**ସଂକ୍ଷେପରେ**

## ଗଳିତ ମୃତଦେହ ଜବତ

ଲହୁଣୀପଡ଼ା,୨୩।୧୧(ଡି.ଏନ.ଏ): ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ବରଘାଟ ନିକଟସ୍ଥ କାଳିଆ ହୁଡ଼ି ପତଳା ଜଙ୍ଗଲରୁ ଏକ ଗଳିତ ମୃତଦେହକୁ ପୋଲିସ ଜବତ କରିଛି। ମୃତଦେହ ଚାରି ପାଞ୍ଚ ଦିନର ଏବଂ ଏହା ଜଣେ ପୁରୁଷଙ୍କର ବୋଲି ଅନୁମାନ କରାଯାଉଛି। ପରିଚୟ ମିଳି ପାରି ନ ଥିବା ବେଳେ ଏହା ହତ୍ୟା କି ଆତ୍ମହତ୍ୟା ଜଣାପଡିନାହିଁ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ରାଉରକେଲାରେ ବିମାନ ସେବା ଆରମ୍ଭ ଦାବି

ରାଉରକେଲା ଅଫିସ,୨୩।୧୧: ରାଉରକେଲାରେ ବିମାନସେବା ଆରମ୍ଭ କରିବା ପାଇଁ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ନିକଟରେ ଦାବି କରିଛନ୍ତି। ଆଗାମୀ ଦିନରେ କିଭଳି ରାଉରକେଲାରୁ ବିମାନ ଚଳାଚଳ ଓ ରନୱେ ବୃଦ୍ଧି ହୋଇପାରିବ ସେ ନେଇ ଏରାମ ସିନ୍ଧିଆଙ୍କୁ ଜଣାଇଛନ୍ତି। ରାଉରକେଲା ସ୍ମାର୍ଟସିଟି ମାନ୍ୟତା ପାଇବା ପରେ ଏଠାରେ ୮ଲକ୍ଷରୁ ଅଧିକ ଲୋକ ବସବାସ କରୁଥିବାବେଳେ ପ୍ରମୁଖ ଶିଳ୍ପ ଓ ବାଣିଜ୍ୟ ରହିଛି। ଆଗାମୀ ଦିନରେ ବିଶ୍ୱ ହକି ୱାର୍ଲଡ କପ୍ ହେବାକୁ ଯାଉଥିବାବେଳେ ଏଠାରେ ବିମାଳ ଚଳାଚଳର ସୁବିଧା ଦରକାର ବୋଲି ଓରାମ କହିଛନ୍ତି।

## ଅଙ୍ଗନୱାଡି କର୍ମୀଙ୍କ ବିକ୍ଷୋଭ

ବଡ଼ଗାଁ, ୨୩।୧୧(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକର ଅଙ୍ଗନୱାଡି କର୍ମୀଙ୍କ ଦାବି ପୂରଣରେ ସରକାର ବିଳମ୍ବ କରୁଛନ୍ତି। ଏହାର ପ୍ରତିବାଦରେ ମଙ୍ଗଳବାର ଅଲ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ ୱାର୍କର୍ସ ଆସୋସିଏଶନ ପକ୍ଷରୁ ଅଙ୍ଗନୱାଡ଼ି କର୍ମୀମାନେ ୧୨ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କୁ ଦାବିପତ୍ର ଦେଇଛନ୍ତି। ଅଙ୍ଗନୱାଡ଼ି କର୍ମୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ନ ମିଳିବା ପର୍ଯ୍ୟନ୍ତ ୧୮ହଜାର ଓ ସହାୟିକାଙ୍କୁ ୯ହଜାର ଟଙ୍କା ପ୍ରଦାନ, ମିନି ଅଙ୍ଗନୱାଡ଼ି କର୍ମୀଙ୍କୁ ଅଙ୍ଗନୱାଡ଼ି କର୍ମୀ ମାନ୍ୟତା, କରୋନାରେ ମୃତ୍ୟୁବରଣ କରିଥିବା କର୍ମୀ, ସହାୟିକାଙ୍କୁ କେନ୍ଦ୍ର ସରକାର ଘୋଷଣା କରିଥିବା ୫୦ଲକ୍ଷ ଟଙ୍କା ବୀମା ରାଶି ପ୍ରଦାନ, ଅଙ୍ଗନୱାଡ଼ି କର୍ମୀଙ୍କୁ ରନ୍ଧନ ଗ୍ୟାସ ଯୋଗାଣ ଦାବି ରହିଛି। ଆସୋସିଏଶନ କର୍ମକର୍ତ୍ତା ଅଞ୍ଜଳି ମାଝୀ, ସୂର୍ଯ୍ୟ କିଶନ, ସଂଯୁକ୍ତ ଦାସ, ହଳମତି ସା, ରାଜକୁମାରୀ ବଘାର ଓ ଗୌରୀ ପଟେଲ ଏଥିରେ ସାମିଲ ହୋଇଥିଲେ।



ବଡଗାଁ ଦୁର୍ଗାମଣ୍ଡପଠାରେ ବିଜେଡି ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।


ସୁନ୍ଦରଗଡ଼ ସଦର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ତରଫରୁ ଧାରଣା ଦିଆଯାଇଛି।

# ରନ୍ଧନ ଗ୍ୟାସ୍ ଦରବୃଦ୍ଧିକୁ ନେଇ ବିକ୍ଷୋଭ

ସୁନ୍ଦରଗଡ,୨୩।୧୧(ଡି.ଏନ୍.ଏ)

କେନ୍ଦ୍ର ସରକାରଙ୍କ ପକ୍ଷରୁ ରନ୍ଧନ ଗ୍ୟାସ୍ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ଦରବୃଦ୍ଧି ପ୍ରତିବାଦରେ ମଙ୍ଗଳବାର ବିଜେଡି ତରଫରୁ ସୁନ୍ଦରଗଡ଼ ସଦର ବ୍ଲକ ଓ ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏଥିରେ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ, ସଦର ବ୍ଲକ ଉପାଧ୍ୟକ୍ଷ ଅଶ୍ୱିନୀ କୁମାର ନାଏକ, ପୂର୍ବତନ ଉପାଧ୍ୟକ୍ଷ ଜିତେନ୍ଦ୍ରୀୟ କର, ଆଇନଜୀବୀ ସାମ୍ମୁଖ୍ୟ ଜିଲା ଆବାହକ ଅଶୋକ କୁମାର ସ୍ୱାଇଁ, ଯୁବ ଆଇନଜୀବୀ ସ୍ୱରାଜ ପଟେଲ ପ୍ରମୁଖ ଦଳୀୟ ନେତୃବୃନ୍ଦ ଯୋଗଦେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ସେହିପରି ସୁନ୍ଦରଗଡ ମ୍ୟୁନିସିପାଲିଟି ଅଫିସ ସମ୍ମୁଖରେ ଜିଲା ବିଜୁ ମହିଳା ଜନତାଦଳ ସଭାନେତ୍ରୀ ରଞ୍ଜନା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ପୂର୍ବତନ ବିଧାୟକ ସିଂଙ୍କ ସମେତ ରାଜ୍ୟ ବିଜୁ ମହିଳା ଜନତାଦଳ ଉପସଭାନେତ୍ରୀ ସୁନିତା ବିଶ୍ୱାଳ, ରାଜ୍ୟ ଯୁବ ବିଜୁ ଜନତା ଦଳ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ଅମାତ, ଜିଲା ବିଜୁ ଛାତ୍ର ଜନତାଦଳ ସଭାପତି ସେହେବାଜ ହୁସେନ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ପ୍ରମୁଖ ଯୋଗ ଦେଇଥିଲେ। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସଦର ବିଡିଓ ଓ ପୌରନିର୍ବାହୀ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।


ବିଜେଡି ତରଫରୁ ଲହୁଣୀପଡା ବ୍ଲକ କର୍ତ୍ତୃପକ୍ଷଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

**ରାଉରକେଲା ଅଫିସ:** କେନ୍ଦ୍ର ସରକାରଙ୍କ ରନ୍ଧନ ଗ୍ୟାସ୍‌ର ଅହେତୁକ ଦର ବୃଦ୍ଧିକୁ ନେଇ ସୁନ୍ଦରଗଡ଼ ଜିଲା ରଘୁନାଥପାଲି ବିଜୁ ମହିଳା ଜନତା ଦଳ ଓ ଯୁବଛାତ୍ର ଜନତା ଦଳ ପକ୍ଷରୁ ସେକ୍ଟର-୨ ବିଜୁ ପଟ୍ଟନାୟକ ଛକରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଭାପତି ଆର୍ତ୍ତ ମହାରଣାଙ୍କ ନେତୃତ୍ୱରେ ଦଳ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କ ନେତୃତ୍ୱରେ ବିଜେଡିର ଶତାଧିକ କର୍ମୀ କେନ୍ଦ୍ର ସରକାରଙ୍କ ପେଟ୍ରୋଲ, ଡିଜେଲ, ଖାଇବା ତେଲ, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସହ ରନ୍ଧନ ଗ୍ୟାସ୍‌ର ଦରବୃଦ୍ଧି ପ୍ରତିବାଦରେ ଏକ ରାଲିର ଆୟୋଜନ କରିଥିଲେ। ଏଥିରେ ମହିଳା ଜନତା ଦଳ, ବିଜୁ ଯୁବ ଛାତ୍ର ଦଳ, ଆଇନଜୀବୀ ସାମ୍ମୁଖ୍ୟ ଓ ବିଭିନ୍ନ ଶ୍ରମିକ ସାମ୍ମୁଖ୍ୟର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଦଳ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପାନପୋଷ ଅତିରିକ୍ତ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

**ବଡ଼ଗାଁ (ଡି.ଏନ.ଏ.):** ବଡ଼ଗାଁ ବ୍ଲକ ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ମଙ୍ଗଳବାର କେନ୍ଦ୍ର ସରକାରଙ୍କ ଅହେତୁକ ଦରଦାମ ବୃଦ୍ଧି ପ୍ରତିବାଦରେ ବଡ଼ଗାଁ ଦୁର୍ଗାମଣ୍ଡପଠାରେ ଏକ ବିକ୍ଷୋଭ ସମାବେଶ ହୋଇଥଲା। ରାଜ୍ୟ ବିଜେଡି କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ, ଜିଲା ଯୁବ ବିଜେଡି ସଭାପତି ଦେବେନ୍ଦ୍ର ପ୍ରସାଦ ମାଝୀ, ଜିଲା ବିଜେଡି ସାଧାରଣ ସମ୍ପାଦକ ଅରୁଣ ଦୀକ୍ଷିତ, ଯୁବ ବିଜେଡି ଜିଲା ସମ୍ପାଦକ ଉତ୍କଳ ମହାପାତ୍ର, ସମ୍ପାଦକ ସରୋଜ ସାହୁ ପ୍ରମୁଖ ଦଳୀୟ ନେତା ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଦରବୃଦ୍ଧି ଉପରେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏକ ଦାବିପତ୍ର ଦିଆଯାଇଛି।

**ଲହୁଣୀପଡ଼ା (ଡି.ଏନ.ଏ):** ଲହୁଣୀପଡ଼ା ବ୍ଲକ ବିଜୁ ଜନତା ଦଳ ମହିଳା, ଯୁବ ଏବଂ ଛାତ୍ର ଶାଖା ତରଫରୁ ରନ୍ଧନ ଗ୍ୟାସ ଦର ହ୍ରାସ ଦାବିରେ ମଙ୍ଗଳବାର ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ଏକ ସ୍ମାରକପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। ବ୍ଲକ ବିଜୁ ଜନତା ମହିଳା ସଭାପତି ଜୟନ୍ତୀ ମାହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ଜିଲା ପରିଷଦ ଉପାଧକ୍ଷା ସରସ୍ୱତୀ ନାଏକ, ସରପଞ୍ଚ ଜୁଲିଆନି କାଣ୍ଡିର, ବରିଷ୍ଠ ବିଜେଡି ନେତା ରଣଜିତ କିଷାନ, ସଂଯୋଜକ ଗୁରୁ ଚରଣ ସାଇଁ, ଜିଲା ପରିଷଦ ସଭ୍ୟ କେଦାର କୁମାର ମାହାନ୍ତ, ସରପଞ୍ଚ ବୈଲୋଚନ ନାଏକ କେନ୍ଦ୍ର ସରକାରଙ୍କ ଅହେତୁକ ରନ୍ଧନ ଗ୍ୟାସ ଦର ବୃଦ୍ଧି ବିରୋଧରେ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଜନବିରୋଧୀ କାର୍ଯ୍ୟକୁ କଂଗ୍ରେସର ବିରୋଧ

**କୁତ୍ରା,୨୩।୧୧(ଡି.ଏନ.ଏ):** ସୁନ୍ଦରଗଡ ଜିଲା କୁତ୍ରା କଂଗ୍ରେସ ସଭାପତି ସନ୍ତୋଷ କୁମାର ବେହେରାଙ୍କ ନେତୃତ୍ୱରେ ମଙ୍ଗଳବାର ଖତକୁରବାହାଲ ଗ୍ରାମରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତିକୁ ବିରୋଧ କରି ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉଭୟ ରାଜ୍ୟ ଓ କେନ୍ଦ୍ର ଦଳୀୟ କର୍ମୀମାନେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି କରି ଶୋଭାଯାତ୍ରା କରିଥିଲେ। ପରେ ଅନୁଷ୍ଠିତ ସଭାରେ ରାଜଗାଙ୍ଗପୁର ବିଧାୟକ ଡ଼ଃ ସି.ଏସ୍ ରାଜନ ଏକ୍କା, ଜିଲା ସଭାପତି ବେଣୁମାଧବ ତ୍ରିପାଠୀ, ଜିଲା ଯୁବ ସଭାପତି ଆଲବର୍ଟ କିଣ୍ଡୋ, କୁତ୍ରା ବ୍ଲକ ସଭାପତି ସନ୍ତୋଷ ବେହେରା, ଜିଲା ପରିଷଦ ସଭ୍ୟ ଶରତ ସା, ନେପାଳ ସାହୁଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

# ଆଥ୍‌ଲେଟିକ୍ ମିଟ୍ ଉଦ୍‌ଯାପିତ



ସବଡେଗାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ସୁନ୍ଦରଗଡ, ୨୩।୧୧ (ଡି.ଏନ୍.ଏ)

ସୁନ୍ଦରଗଡ ଜିଲାସ୍ତରୀୟ ଆନ୍ତଃ ବ୍ଲକ ଆଥଲେଟିକ ମିଟ୍‌ର ବ୍ଲକସ୍ତରୀୟ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏହି ପ୍ରତିଯୋଗିତାରେ ଜିଲାର ୧୭ଟି ବ୍ଲକରୁ ୮ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଏହାକୁ ୫୦୦ରୁ ଊର୍ଦ୍ଧ ଶାରିରୀକ ଶିକ୍ଷୟତ୍ରୀ, ଶିକ୍ଷକ ତଥା ଉଚ୍ଚପ୍ରାଥମିକ ଶିକ୍ଷକ ପରିଚାଳନା କରିଥିଲେ। ଏଥିରୁ ଚୟନ ହୋଇଥିବା ଖେଳାଳିମାନେ ଡିସେମ୍ବର ୨ୟ ସପ୍ତାହରେ ସୁନ୍ଦରଗଡରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ସଦର ବ୍ଲକର କିଞ୍ଜିର୍ମା ମିନି ଷ୍ଟାଡିୟମରେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସବଡେଗା ବ୍ଲକରେ ବିଇଓ ତନୁଲତା ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ ତହସିଲଦାର ସୁମନ ମିଞ୍ଜ ମୁଖ୍ୟ ଅତିଥି ଏବଂ ଏବିଇଓ ବେଦବ୍ୟାସ ପଟେଲ, ପ୍ରଧାନ ଶିକ୍ଷକ ଚୂଡାମଣି ପୃଷ୍ଟି, ରିମିସ ଟେଟେ, ବିଧିଚନ୍ଦ୍ର ବିଲୁଙ୍ଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଶ୍ରା ବ୍ଲକର ହାଇସ୍କୁଲ ଖେଳ ପଡିଆରେ ଜିଲା କ୍ରୀଡା ସଂସଦର ବରିଷ୍ଠ କାଉନସିଲର ବିଭୂଦତ୍ତ ବେହେରା ଏବଂ ଅନ୍ୟ ସମସ୍ତ ବ୍ଲକରେ ବିଇଓମାନେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୁଆଁରମୁଣ୍ଡା ବ୍ଲକରେ ଜିଲା କ୍ରୀଡା ସଂସଦର ଦୁର୍ଗାମାଧବ ନାଏକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

**ଲହୁଣୀପଡ଼ା (ଡି.ଏନ.ଏ):** ଲହୁଣୀପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ଜିଲା କ୍ରୀଡା ସଂସଦ ପକ୍ଷରୁ ଚାଲିଥିବା ଦୁଇ ଦିନିଆ ଦୌଡକୁଦ ପ୍ରତିଯୋଗିତା


କୁତ୍ରାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ସହକାରୀ ଯନ୍ତ୍ରୀ ଦୁର୍ଯ୍ୟୋଧନ କିଷାନ, ସମ୍ମାନିତ ଅତିଥି ଭାବେ ଏବିଇଓ ନରହରି କିଷାନ, ପ୍ରଧାନ ଶିକ୍ଷୟିତ୍ରୀ ଅପର୍ଣ୍ଣା ସାହୁ ଯୋଗ ଦେଇଥିଲେ। ବିଇଓ ମହେନ୍ଦ୍ର ସରନିଆ ଅଧ୍ୟକ୍ଷତା କରିଥିଲେ। ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବଲ୍ଲଭ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସୋମବାର ଲହୁଣୀପଡ଼ା ବ୍ଲକ ଜିପିଓ ସାରିଆ ଲାକ୍ରା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଏବିଡ଼ିଓ ଭବାନୀ ଶଙ୍କର ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଖେଳ ଶିକ୍ଷକ ନେତ୍ରାନନ୍ଦ ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

**କୁତ୍ରା (ଡି.ଏନ.ଏ.):** ସୁନ୍ଦରଗଡ ଜିଲା କୁତ୍ରା ସରକାରୀ ଉଚ୍ଚବିଦ୍ୟାଳୟ ଖେଳପଡିଆରେ ବିଇଓ ଗୁରୁଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦୁଇଦିନିଆ ବ୍ଲକସ୍ତରୀୟ ଦୌଡକୁଦ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଉତ୍ସବରେ ଝାରସୁଗୁଡା ଏନସିସି କମାଣ୍ଡାଣ୍ଟ ମଙ୍ଗରାଜ ସାହେବ ସମ୍ମାନିତ ଅତିଥି ଭାବେ ଯୋଗ ଦେଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜେଏସଡବ୍ଲ୍ୟୁ ସିଏସଆର ମ୍ୟାନେଜର ସଂଗ୍ରାମ ରାଉତ, ଡାଲମିଆ ଭାରତ ସିମେଣ୍ଟର ସିଏସଆର ମୁଖ୍ୟ ତପନ ନାଏକ, ମୋ ସ୍କୁଲ ଅଭିଯାନ ସଭାପତି ଶଙ୍କର ପ୍ରସାଦ ଟପ୍ପୋ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କ୍ରୀଡା ସଙ୍ଗଠକ ବିଭୀଷଣ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୁଲକ ପ୍ରଧାନ, ମହେନ୍ଦ୍ର କଲସେର, ଲବଣୀଧର ଗରଡିଆ, ଶକୁନ୍ତଳା ପ୍ରଧାନ, କିରନଶୀଳା ବାର୍ଲାଙ୍କ ସମେତ ଅନୁଷ୍ଠାନର ସବୁଜ ବାହିନୀ, ସ୍କାଉଟ ଗାଇଡ ଓ ସବୁଜ ବାହିନୀର ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଏହି ଅବସରରେ କ୍ରୀଡା ଶିକ୍ଷକ ମହେନ୍ଦ୍ର କଲସେର ଓ ପୁଲକ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଏମ୍‌ପିଙ୍କୁ ଦାବିପତ୍ର ଦେଲେ ରୁକୁଡା ଡ୍ୟାମ୍ ବିସ୍ଥାପିତ

ସୁନ୍ଦରଗଡ଼ ,୨୩।୧୧(ଡି.ଏନ.ଏ)

ସୁନ୍ଦରଗଡ ଜିଲା ବଣାଇ ବ୍ଲକ ଅନ୍ତର୍ଗତ ରୁକୁଡା ଡ୍ୟାମ୍ ଦାରା ଚାଷ ବାସ ହରାଇ ବିସ୍ଥାପିତ ହୋଇଥିବା ବନ୍ଧାଭୂଇଁର ୧୭ ଆଦିବାସୀ ପରିବାର ଏବେ ନାନା ଦୁଃଖକଷ୍ଟରେ କାଳଯାପନ କରୁଛନ୍ତି। ଗତ ୨୦୧୭ରୁ ଆଜି ପର୍ଯ୍ୟନ୍ତ ବଣାଇ ଉପଜିଲାପାଳଙ୍କ ଠାରୁ ଆରମ୍ଭ କରି ଜାତୀୟ ଜନଜାତି ଆୟୋଗଙ୍କୁ ଏ ସମ୍ପର୍କରେ ଲିଖିତ ଭାବେ ଜଣାଇଥିଲେ ମଧ୍ୟ ଏଯାଏ କୌଣସି ସୁଫଳ ମିଳି ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏହି ପରିବାର ମଙ୍ଗଳବାର ସ୍ଥାନୀୟ ଏମ୍‌ପି ଜୁଏଲ ଓରାମଙ୍କୁ ଭେଟି ସମସ୍ୟା ଉପରେ ଆଲୋଚନା କରିବା ସହ ଏକ



ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ, ଏହି ୧୭ଟି ଆଦିବାସୀ ପରିବାର ପୁରୁଷାନୁକ୍ରମେ ଜଙ୍ଗଲ ଜମିରେ ଚାଷ ବାସ କରି ଜୀବିକା ନିର୍ବାହ କରି ଆସୁଥିଲେ। ୨୦୦୯ ମସିହାରେ ସେମାନେ ସରକାରଙ୍କ ନିୟମ ଅନୁସାରେ ଜମି ଅଧିକାର ପତ୍ର ପାଇଥିଲେ। କିନ୍ତୁ ରୁକୁଡା ଡ୍ୟାମ ଯୋଗୁ ୨୦୧୭ ମସିହାରେ ଚାଷ ଜମି ଓ ବାସଗୃହ ଜଳମଗ୍ନ ହୋଇଗଲା ଏବଂ ସମସ୍ତ ପରିବାର ବିସ୍ଥାପିତ ହୋଇଗଲେ। ପାଞ୍ଚ ବର୍ଷରୁ ଅଧିକ ହେଲାଣି ସେମାନଙ୍କୁ କିଛି କ୍ଷତି ପୂରଣ ମିଳିନାହିଁ। ବାରମ୍ବାର ଏ ଦିଗରେ ବିଭିନ୍ନ ସରକାରୀ ବିଭାଗକୁ ଜଣାଇଥିଲେ ମଧ୍ୟ କେହି ଏହି ସମସ୍ୟାର ସମାଧାନ ଦିଗରେ କର୍ଣ୍ଣପାତ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଏ ଦିଗରେ ଶୀଘ୍ର ପଦକ୍ଷେପ ନେଇ ସମସ୍ୟାର ସମାଧାନ କରାଯିବ ବୋଲି ଏମ୍‌ପି ଓରାମ ପ୍ରତିଶ୍ରୁତି ଦେଇଛନ୍ତି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଓଡ଼ିଶା ସରକାର



ସଂସ୍କୃତି ଉଦ୍ୟାନର ସୁଗନ୍ଧିତ ପୁଷ୍ପ ହେଉଛି ଲୋକକଳା
ନବୀନ ପଟ୍ଟନାୟକ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

## ଭିସୁଟ୍‌ରେ ସଡ଼କ ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,(ବ୍ୟୁରୋ): ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ଠାରେ ସଡ଼କ ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭିସୁଟ୍ ଅଡିଟୋରିୟମରେ ସୋମବାର କୁଳପତି ପ୍ରଫେସର ବଂଶୀଧର ମାଝିଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଶ ଓ ବିଦେଶରେ ୬ ଲକ୍ଷ କିଲୋମିଟରରୁ ଅଧିକ ସାଇକେଲରେ ପରିଭ୍ରମଣ କରିଥିବା ଭଦ୍ରକର ସନ୍ତୋଷ ମିଶ୍ରଙ୍କ ପ୍ରେରଣାଦାୟକ ଭାଷଣ ସମସ୍ତଙ୍କୁ ଉଦ୍‌ବୁଦ୍ଧ କରିଥିଲା। ଅତିଥିମାନେ ସଡକ ନିରାପତ୍ତା ସମ୍ପର୍କରେ ବିଭିନ୍ନ ସଚେତନତା ମୂଳକ ବାର୍ତ୍ତା ପ୍ରଦାନ କରିଥିଲେ। ଅତିରିକ୍ତ ଏସ୍‌ପି ଏ. ପଣ୍ଡା, ଆଞ୍ଚଳିକ ପରିହନ ଅଧିକାରୀ ସମ୍ବଲପୁର, ବୁର୍ଲା ପୋଲିସ ଷ୍ଟେସନର କେ. ପଣ୍ଡା, ଭିସୁଟ୍ ପ୍ରଫେସର ପି. ସି. ସ୍ୱାଇଁ, ପ୍ରଫେସର ଏସ୍.କେ. ପାତ୍ରଙ୍କ ସମେତ ୨୦୦ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବେଆଇନ ଗଞ୍ଜେଇ ଚାଷ ନେଇ ସଚେତନତା କାର୍ଯ୍ୟକ୍ରମ



ନାକଟିଦେଉଳ,୨୩।୧୧(ଡ଼ି.ଏନ.ଏ.): ନାକଟିଦେଉଳ ବ୍ଲକ ବାଟଗାଁ ନେହେରୁ ଯୁବକ ସଂଘ କାର୍ଯ୍ୟାଳୟରେ ମଙ୍ଗଳବାର ବେଆଇନ ଗଞ୍ଜେଇ ଚାଷ ଓ ଚୋରା ଚାଲାଣ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଅବକାରୀ ଅଧୀକ୍ଷକ ଡ଼ମ୍ବରୁଧର ଖଣ୍ଡା, ଜିଲା ଅବକାରୀ ନିରୀକ୍ଷକ ସୃତିକାନ୍ତ ରାଉତ, ରେଢାଖୋଲ ଉପଜିଲାପାଳ ପବିତ୍ର ବେହେରା,ଏସ୍‌ଡ଼ିପିଓ ପ୍ରଶାନ୍ତ କୁମାର ମେହେର, ନାକଟିଦେଉଳ ଥାନା ଅଧିକାରୀ ବିଭୂତି ଭୂଷଣ ଦଳେଇ ,ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରା ପ୍ରମୁଖ ଯୋଗଦେଇ ବେଆଇନ ଗଞ୍ଜେଇ ଚାଷ ଓ ଚୋରା ଚାଲାଣ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଇବା ସହ ଏପରି ଅପରାଧିକ କାର୍ଯ୍ୟରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଇଥିଲେ। ଏନଡ଼ିପିଏସ ଆଇନ ଧାରା ୫(କ)(ଖ)(ଗ) ଅନୁସାରେ କୌଣସି ବ୍ୟକ୍ତି ଗଞ୍ଜେଇ ଚାଷ, ଚୋରା ଚାଲାଣ କିମ୍ବା ମହଜୁଦ ରଖିଲେ ୧୦ରୁ ୨୦ବର୍ଷ ପର୍ଯ୍ୟନ୍ତ ସଶ୍ରମ କାରାଦଣ୍ଡ ଓ ୨୦ଲକ୍ଷ ଟଙ୍କା ଜରିମାନା ସହ ଏକାଧିକବାର କଲେ ମୃତ୍ୟୁଦଣ୍ଡର ବ୍ୟବସ୍ଥା ଥିବା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ପରିଷଦ ସଭ୍ୟ ପୂର୍ଣ୍ଣ ଚନ୍ଦ୍ର ଗଡ଼ତ୍ୟା, ବ୍ଲକ ଉପାଧକ୍ଷା ଗୀତାଞ୍ଜଳି ଦେହୁରି, ଜାମୁଯୋରୀ ସରପଞ୍ଚ ଅଜିତ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥଲେ। କାର୍ଯ୍ୟକ୍ରମରେ ପଞ୍ଚାୟତର ସମସ୍ତ ଜନପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଯୋଗଦେଇଥିଲେ।

### ଜିଲାପାଳଙ୍କ ରେଙ୍ଗାଲି ବ୍ଲକ ଗସ୍ତ

ସମ୍ବଲପୁର,୨୩।୧୧(ବ୍ୟୁରୋ): ସମ୍ବଲପୁର ଜିଲାପାଳ ଶୁଭମ ସକ୍‌ସେନା ମଙ୍ଗଳବାର ରେଙ୍ଗାଲି ବ୍ଲକ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ କରୁଥିବା ଶ୍ରମିକମାନଙ୍କୁ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ନିଶାନଭଙ୍ଗା ପଞ୍ଚାୟତ ଅନ୍ତର୍ଗତ ବାଉନସେନ ଗ୍ରାମରେ ଚାଲିଥିବା ମାଟି ରାସ୍ତା କାମ ତଦାରଖ କରିଥିଲେ। ବାବୁଚକଳିଠାରୁ ମଝାପଡା ରାସ୍ତା କାମ, ଲପଙ୍ଗା ପଞ୍ଚାୟତର ମହାଦେବପଲ୍ଲୀ, ମେଣ୍ଢାଖାଇଠାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ କାମ ବୁଲି ଦେଖିଥିଲେ। ପରେ ଲପଙ୍ଗା ହାଇସ୍କୁଲ ଦ୍ୱିତୀୟ ପର୍ଯ୍ୟାୟ ୫-ଟି ସ୍କୁଲ ରୂପାନ୍ତରଣରେ ସାମିଲ ହେବାକୁ ଯାଉଥିବାରୁ ସ୍କୁଲ ପରିଦର୍ଶନ କରି କାମ ଅଗ୍ରଗତି ଦେଖିଛନ୍ତି। ତୁରନ୍ତ କାମ ସାରିବା ସହ ଉଦ୍‌ଘାଟନ ନିମନ୍ତେ ପ୍ରସ୍ତୁତ ରଖିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରେଙ୍ଗାଲି ବିଡିଓ ଶଙ୍କର ପ୍ରସାଦ ସାହୁଙ୍କ ସମେତ ବ୍ଲକ ଏପିଓ, ଜେଇ, ଜିଆର୍‌ଏସ୍ ଉପସ୍ଥିତ ଥିଲେ।

### ତାଲାକାଟି ଦୋକାନରୁ ଲୁଟ୍

ଝାରସୁଗୁଡ଼ା ଅଫିସ,୨୩।୧୧: ଝାରସୁଗୁଡ଼ା ଜିଲା ଲଖନପୁର ଥାନା ଅଢାପଡା ଗ୍ରାମରେ ସୋମବାର ରାତିରେ ଏକ ଭେରାଇଟି ଦୋକାନ ତାଲାକାଟି ଦୁର୍ବୃତ୍ତମାନେ ବିଭିନ୍ନ ସାମଗ୍ରୀ ଲୁଟିନେଇଛନ୍ତି। ଏ ନେଇ ଦୋକାନ ମାଲିକ ସନ୍ତୋଷ ଭୋଇ ଲଖନପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନା ଆଇଆଇସି ଦୁଃଖୀନ୍ଦ୍ର ସାହୁ, ଏଏସ୍‌ଆଇ ସୁବ୍ରତ ହରଙ୍କ ସମେତ ସାଇଣ୍ଟିଫିକ୍ ଟିମ୍ ସିସିଟିଭି ଫୁଟେଜ ସଂଗ୍ରହକରି ଫେରିଛନ୍ତି। ସିସିଟିଭି ଫୁଟେଜରେ କଏଦ ହୋଇଥିବା ଫଟୋକୁ ନେଇ ପୋଲିସ ଯାଞ୍ଚ କରୁଛି।

### ଦର ବୃଦ୍ଧିକୁ ନେଇ ବିଜେଡିର ଦାବିପତ୍ର

କୁଚିଣ୍ଡା,୨୩।୧୧(ଡି.ଏନ.ଏ.): କୁଚିଣ୍ଡା ଉପଖଣ୍ଡର କୁଚିଣ୍ଡା, ବାମରା ଓ ଜମନକିରା ବ୍ଲକ ବିଜେଡି ପକ୍ଷରୁ ମଙ୍ଗଳବାର ଦରଦାମ ବୃଦ୍ଧିକୁ ବିରୋଧ କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓମାନଙ୍କୁ ଦାବିପତ୍ର ଦିଆଯାଇଛି। କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ଓ ବ୍ଲକ ବିଜେଡି ସଭାପତି ଅମୂଲ୍ୟ ମିଶ୍ରଙ୍କ ନେତୃତ୍ୱରେ କର୍ମୀମାନେ ଶୋଭାଯାତ୍ରାରେ କୁଚିଣ୍ଡା ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ବିଡିଓଙ୍କୁ ଦାବିପତ୍ର ଦେଇଥିଲେ। ସେହିପରି ଜମନକିରା ବ୍ଲକ ବିଜେଡି ସଭପତି ସ୍ୱିଗ୍ଧା ପଟେଲ, ତନୟା ଧୂରୁଆଙ୍କ ନେତୃତ୍ୱରେ ଓ ବାମରା ବ୍ଲକରେ ବ୍ଲକ ବିଜେଡି ସଭାପତି ରାଜକୁମାର ଶୁକ୍ଳା, ବ୍ଲକ ଅଧକ୍ଷ ସଦାନନ୍ଦ କୁଜୁର, ଜିଲାପରିଷଦ ସଭ୍ୟା କୁମୁଦିନି ପଟେଲଙ୍କ ନେତୃତ୍ୱରେ ବିଡିଓଙ୍କୁ ଦାବିପତ୍ର ଦିଆଯାଇଥିଲା।

# ଅସମ୍ପୂର୍ଣ୍ଣ ହକି ଷ୍ଟାଡିୟମ, ରାସ୍ତାରେ ଖେଳାଳି

ସମ୍ବଲପୁର,୨୩।୧୧(ବ୍ୟୁରୋ)



ରାଲିରେ ସାମିଲ ହୋଇଥିବା ଯୁଯୁମୁରା ଉତ୍ସବ ପରିବାର ସଦସ୍ୟ ଓ ହକି ଖେଳାଳିମାନେ।

ସମ୍ବଲପୁର ଜିଲା ଯୁଯୁମୁରାଠାରେ ନିର୍ମାଣାଧୀନ ହକି ଷ୍ଟାଡିୟମ ଅସମ୍ପୂର୍ଣ୍ଣ ହୋଇ ରହିଛି। ପ୍ରାୟ ୪ମାସ ହେବ ଠିକାଦାର କଳା ତାଲିକାଭୁକ୍ତ ହୋଇ କାମ ଛାଡି ଫେରାର ହୋଇଯାଇଛନ୍ତି। ଏହାକୁ ନେଇ ଅଞ୍ଚଳର ହକି ଖେଳାଳିମାନେ ରାସ୍ତାକୁ ଓହ୍ଲାଇଛନ୍ତି। ଯୁଯୁମୁରାର ଉତ୍ସବ ପରିବାର ସଦସ୍ୟ ଓ ବ୍ଲକ ଅନ୍ତର୍ଗତ ୧୦ କ୍ଲବର ଖେଳାଳି ହକି ଷ୍ଟିକ, ଜର୍ସୀ ପିନ୍ଧି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ଜେଲ ଛକରୁ ରାଲିରେ ବାହାରି ଜିଲାପାଳଙ୍କ ଅଫିସରେ ପହଞ୍ଚିଥିଲେ। ସେଠାରେ ଜିଲା ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ରାଲି ସମୟରେ ହକି ଷ୍ଟାଡିୟମ ନିର୍ମାଣ ଶୀଘ୍ର ସମ୍ପୂର୍ଣ୍ଣ, କଳା ତାଲିକାଭୁକ୍ତ ଠିକାଦାରଙ୍କୁ ପୁନଃ ସୁଯୋଗ ନ ଦେବା ନେଇ ନାରାବାଜି କରିଥିଲେ।

ଏହି ଅଞ୍ଚଳରେ ଅନେକ ଉଦୀୟମାନ ହକି ଖେଳାଳି ଅଛନ୍ତି। ଷ୍ଟାଡିୟମ ନିର୍ମାଣ ହେଲେ ସେମାନେ ଅଭ୍ୟାସ କରି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ସୁଯୋଗ ପାଇପାରିବେ ବୋଲି ରାଲିରେ ସାମିଲ ହୋଇଥିବା ଜାତୀୟ ସ୍ତରର ହକି ଖେଳାଳି ରଜତ ମିଞ୍ଜ କହିଥିଲେ। ଅନ୍ୟପଟେ ଉତ୍ସବ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି, ହକି ଷ୍ଟାଡିୟମ ନିର୍ମାଣ ହେବା ନେଇ ଅଞ୍ଚଳବାସୀ ବେଶ୍ ଉତ୍ସାହିତ ହୋଇଥିଲେ। ୨୦୧୮ରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ବିଛାଯାଇଥିବା ହକି ଟର୍ଫ ମଧ୍ୟ ଅଣାଯାଇଥିଲା, ଯାହା ଏବେ ନଷ୍ଟ ହେବାକୁ ବସିଲାଣି। ଖେଳପଡିଆ, ଗ୍ୟାଲେରି ଓ ଅନ୍ୟକାମ ପାଇଁ ପ୍ରାୟ ୪ କୋଟି ଟଙ୍କା ମଞ୍ଜୁର କରାଯାଇ କାମ ଆରମ୍ଭ ହୋଇଥିଲା। ପ୍ରଥମେ ଠିକା ସଂସ୍ଥା କାମ କରିବାରେ ବିଳମ୍ବ କରିଥିଲା। ପୁଣି କାମ ନିମ୍ନମାନର ନେଇ ଅଭିଯୋଗ ହୋଇଥିଲା। ଉଚ୍ଚସ୍ତରୀୟ ତଦନ୍ତ କଲାପରେ ନିମ୍ନମାନର କାମ ବୋଲି ସ୍ପଷ୍ଟ ହୋଇଥିଲା। ଏବେ ୪ମାସ ହେବ କାମ ବନ୍ଦ ହୋଇରହିଛି। ଖେଳାଳିମାନଙ୍କ ଭବିଷ୍ୟତ ପାଇଁ ଶୀଘ୍ର ଷ୍ଟାଡିୟମ ସମ୍ପୂର୍ଣ୍ଣ କରାଯାଉ। ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ଦାବିପତ୍ର ଗ୍ରହଣ କରି ଜିଲାପାଳଙ୍କ ସହ ଆଲୋଚନା କରି କିଭଳି କାମ ଶୀଘ୍ର ଆରମ୍ଭ ହେବ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ଉତ୍ସବ ପରିବାରର ଜୟନ୍ତ ପ୍ରଧାନ, ଅପୁ ପ୍ରଧାନ, ଅଜୟ ବେହେରା, ଚିନ୍ମୟ ପ୍ରଧାନ, କୈଳାସ ବାଗ ଓ ଖେଳାଳିଙ୍କ ମଧ୍ୟରେ ଆର୍ଫେନ ଲୁଗୁନ, ରଞ୍ଜିତ ଡୁଙ୍ଗଡୁଙ୍ଗ, ନିସ୍ତାର ଲୁଗୁନ, ଅସାଫ ଟପନୋ, ସମାନ ଗୁଡିଆ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟଯେ, ଜନସାଧାରଣଙ୍କ ଦାବି ପରେ ବିଧାୟକ ତଥା ସରକାରୀ ଦଳ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ ହକି ଷ୍ଟାଡିୟମ ନିର୍ମାଣ ପାଇଁ ଉଦ୍ୟମ କରିଥିଲେ। ଏଥିଲାଗି ପ୍ରାୟ ୪ କୋଟି ଟଙ୍କା ମଞ୍ଜୁର ହୋଇ ୩ବର୍ଷ ହେବ ନିର୍ମାଣ କାମ ଆରମ୍ଭ ହୋଇଥିଲା।

# ଟ୍ରକ୍‌ରେ ପିଟିହେଲା ବାଇକ୍, ୨ ମୃତ



ମୃତଦେହ ରଖି ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ଝାରସୁଗୁଡ଼ା ଅଫିସ,୨୩।୧୧

ଝାରସୁଗୁଡ଼ା ଜିଲା ଲଖନପୁର ଥାନା ୪୯ନଂ ଜାତୀୟ ରାଜପଥ ସାଗରପାଲି ଛକରେ ସୋମବାର ରାତିରେ ଛିଡା ହୋଇଥିବା ଏକ ଟ୍ରକ୍ (ଓଆର୨୩-୬୫୦୪) ପଛରେ ବାଇକ୍ (ଓଡି୨୩ସି-୯୩୦୩) ପିଟିହୋଇ ଯାଇଥିଲା। ଫଳରେ ବାଇକ୍‌ରେ ଥିବା ୩ଜଣଙ୍କ ମଧ୍ୟରୁ ୨ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ରେଙ୍ଗାଲି ଥାନା ବେଦଝରଣ ଗ୍ରାମର କକା ଟିକେଶ୍ୱର ମୁଣ୍ଡା (୩୮) ଓ ପୁତୁରା ଦାଶରଥି ମୁଣ୍ଡା(୨୫)। ଅନ୍ୟଜଣେ ପୁତୁରା ଗଣେଶ ମୁଣ୍ଡା (୨୧) ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଲଖନପୁର ପୋଲିସ ଏକ ମାମଲା (ନଂ.୨୨୨/୨୧) ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣା ପରେ କ୍ଷତିପୂରଣ ଦାବିରେ ଲୋକେ ମୃତଦେହ ରଖି ଜାତୀୟ ରାଜପଥ ଅବରୋଧ କରିଥିଲେ। ମାଜିଷ୍ଟ୍ରେଟ୍ ଲଖନପୁର ଅତିରିକ୍ତ ତହସିଲଦାର ଅନୁରଞ୍ଜନ ଟେଟେ, ଏସ୍‌ଡିପିଓ ଦିଲୀପ ଦାସ, ଲଖନପୁର ଆଇଆଇସି ଦୁଃଖୀନ୍ଦ୍ର ସାହୁ, ରେଙ୍ଗାଲି ଥାନା ଆଇଆଇସି କ୍ରେସେନସିଆ ସାମରିଆ ପ୍ରମୁଖ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। କ୍ଷତିପୂରଣ ବାବଦକୁ ଜିଲା ରେଡ୍‌କ୍ରସ୍‌ରୁ ୧୦ହଜାର ଲେଖାଏ, ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଲେଖାଏ ଓ ଅନ୍ୟ ସହାୟତା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଲା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# କୁଚିଣ୍ଡାରେ ୬ ଘଣ୍ଟିଆ ଦୋକାନ ବଜାର ବନ୍ଦ

କୁଚିଣ୍ଡା,୨୩।୧୧(ଡି.ଏନ.ଏ.)



ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ଦୋକାନୀଙ୍କ ବିକ୍ଷୋଭ।

କୁଚିଣ୍ଡା ବ୍ୟାପାରୀ ମଣ୍ଡଳ ପକ୍ଷରୁ ମଙ୍ଗଳବାର ୬ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ଫଳରେ ସକାଳ ୬ରୁ ଦିନ ୧୨ଟା ପର୍ଯ୍ୟନ୍ତ ସହରର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ଏନଏସି ପକ୍ଷରୁ ଛୋଟବଡ ୩୨୪ ଦୋକାନୀଙ୍କୁ ବକେୟା ବିଲ୍ ବାବଦକୁ ଲକ୍ଷାଧିକ ଟଙ୍କା ଜରିମାନା ନୋଟିସ ପ୍ରତିବାଦରେ ଏହି ଆନ୍ଦୋଳନ ହୋଇଥିବା ଜଣାପଡିଛି। ବ୍ୟାପାରୀ ମଣ୍ଡଳ ଅଭିଯୋଗ ଅନୁଯାୟୀ କରୋନା ମହାମାରୀ ଯୋଗୁ ଦୀର୍ଘ ଦିନ ଧରି ଦୋକାନ ବଜାର ବନ୍ଦ ରହିଥିଲା। ପରବର୍ତ୍ତୀ ସମୟରେ ଦୋକାନ ଖୋଲାଯାଇଥିଲେ ବି ବେପାର ମାନ୍ଦା ଯୋଗୁ ଦୋକାନୀଙ୍କ ଆର୍ଥିକ ମାନଦଣ୍ଡ ଦୋହଲି ଯାଇଛି। ଏପରିସ୍ଥଳେ ଏନଏସି ପକ୍ଷରୁ ବକେୟା ପେମେଣ୍ଟ, ଏଗ୍ରିମେଣ୍ଟ, କେତେକ ଦୋକାନୀଙ୍କୁ ସବ୍‌ଲେଟ ନାମରେ ସହସ୍ରାଧିକ ଆଉ କେତେକଙ୍କୁ ଲକ୍ଷାଧିକ ଟଙ୍କାର ଜରିମାନା ପକାଯାଇଛି। ଏହାର ପ୍ରତିବାଦରେ ଦୋକାନୀମାନେ ଏକ ପଟୁଆରରେ ଆସି ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବ୍ୟାପାରୀ ମଣ୍ଡଳ ସଭାପତି ଗଣେଶ ଅଗ୍ରୱାଲ, ବିଧାୟକ କିଶୋର ଚନ୍ଦ୍ର ନାଏକ, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ରାଜେନ୍ଦ୍ର ଛତ୍ରିଆଙ୍କ ସମେତ ଶତାଧିକ ଦୋକାନୀ ଉପସ୍ଥିତ ଥିଲେ। ପରେ ୧୮ଦଫା ସମ୍ବଳିତ ଏକ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଦାବି ମଧ୍ୟରେ ବକେୟା ଓ ବର୍ଦ୍ଧିତ ଫାଇନ ପ୍ରତ୍ୟାହାର, ଏଗ୍ରିମେଣ୍ଟ ଓ ସବ୍‌ଲେଟ ପ୍ରତ୍ୟାହାର, ଏନଏସି ଦୁର୍ନୀତିର ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ, ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିଯୁକ୍ତି, ଶୀଘ୍ର ଖୁଲେନ ପୋଲ ମରାମତି ଆଦି ରହିଛି।

## ଅଙ୍ଗନୱାଡ଼ି କର୍ମୀଙ୍କ ଧାରଣା

ରେଢାଖୋଲ,୨୩।୧୧(ଡି.ଏନ.ଏ.)

ଭାରତୀୟ ମଜ୍‌ଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ ପକ୍ଷରୁ ମଙ୍ଗଳବାର ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୨ ଦଫା ଦାବି ନେଇ ଧାରଣା ଦିଆଯାଇଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶରେ ଏକ ଦାବିପତ୍ର ବିଡିଓ ପରିକ୍ଷିତ ସାହୁଙ୍କୁ ପ୍ରଦାନ କରାଯାଇଛି। ସଂଘ ଅଭିଯୋଗ କରିଛି ଯେ, ପୂର୍ବରୁ ଦାବି ହୋଇଥିଲେ ମଧ ସରକାର ଏହାକୁ ପୂରଣ ଦିଗରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ପ୍ରମୁଖ ଦାବି ମଧ୍ୟରେ ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ କର୍ମଚାରୀ ଘୋଷଣା ସହ ଚାକିରି ସର୍ତ୍ତାବଳୀ ଲାଗୁ କରିବା, ସର୍ବନିମ୍ନ ୧୮ ହଜାର ଓ ସହାୟିକାଙ୍କୁ ୯ ହଜାର ଟଙ୍କା ବେତନ ପ୍ରଦାନ ଆଦି ଅନ୍ୟତମ। ସଂଘର ରେଢାଖୋଲ ଶାଖା ସମ୍ପାଦିକା କିଶୋରୀ ପ୍ରଧାନ, ସଭାନେତ୍ରୀ ବିଜୟଲକ୍ଷ୍ମୀ ନନ୍ଦଙ୍କ ନେତୃତ୍ୱରେ ଅଙ୍ଗନୱାଡି କର୍ମୀ ଓ ସହାୟିକା ଧାରଣାରେ ସାମିଲ ହୋଇଥିଲେ।

# ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତିରେ ଅନିୟମିତତା

ସମ୍ବଲପୁର,୨୩।୧୧(ବ୍ୟୁରୋ)

**ଜିଲାପାଳଙ୍କଠାରେ ଅଭିଯୋଗ**



ଅଭିଯୋଗକାରୀ ପ୍ରଭାତି।

ସମ୍ବଲପୁର ଜିଲା ରେଢାଖୋଲ ଏନ୍‌ଏସି ପଞ୍ଚଖଣ୍ଡାସାହି ଅଙ୍ଗନୱାଡି କର୍ମୀ ନିଯୁକ୍ତିରେ ଅନିୟମିତତା ନେଇ ଅଭିଯୋଗ ହୋଇଛି। ଏଥିପାଇଁ ଆବେଦନ କରିଥିବା ପ୍ରାର୍ଥୀ ପ୍ରଭାତି ପ୍ରଧାନ ମଙ୍ଗଳବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ଅଭିଯୋଗ କରିଛନ୍ତି, କୋଭିଡ୍‌ରେ ବୁର୍ଲା ମେଡିକାଲରେ ଚିକିତ୍ସିତ ଅବସ୍ଥାରେ ସ୍ୱାମୀ ଭଗବାନଙ୍କ ମୃତ୍ୟୁ ଘଟିଥିଲା। କିଛିଦିନ ପରେ ପଞ୍ଚଖଣ୍ଡା ସାହିରେ ଅଙ୍ଗନୱାଡି କର୍ମୀ ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇଥିଲା। ସମସ୍ତ କାଗଜପତ୍ର ସହ ଆବେଦନ କରିଥିଲି। ଆବେଦନ କରିଥିବା ୧୩ ଜଣଙ୍କ ମଧ୍ୟରୁ ୧୧ ଜଣଙ୍କୁ ଶେଷ ପର୍ଯ୍ୟାୟ ପରୀକ୍ଷା ପାଇଁ ଡକାଯାଇଥିଲା। ହେଲେ ସେ ସମୟରେ ଅନ୍ୟ ୱାର୍ଡର ସ୍ଥାୟୀ ବାସିନ୍ଦା ଜଣେ ଆବେଦନକାରୀଙ୍କୁ ନିଯୁକ୍ତି ଦିଆଯାଇଛି। ଭୋଟର ତାଲିକାରେ ଉକ୍ତ ଆବେଦନ କାରୀଙ୍କ ନାମ ଆମ ୱାର୍ଡରେ ନାହିଁ। ଜଣେ ଅଙ୍ଗନବାଡି କର୍ମୀ ହାତ ଲେଖାକୁ ଆଧାର କରି ସେମାନେ ସ୍ଥାୟୀ ବାସିନ୍ଦା ବୋଲି ଚୟନ କରିଛନ୍ତି। ହେଲେ ଆବେଦନ କାରୀଙ୍କ ଅନ୍ୟ ୱାର୍ଡରେ ଭୋଟର ତାଲିକାରେ ନାମ ରହିଛି। ନିଯୁକ୍ତି ସମୟରେ ଭୋଟର କାର୍ଡ, ଆଧାର କାର୍ଡ କିଭଳି ଯାଞ୍ଚ କରାଗଲା ନାହିଁ। ଅନ୍ୟପଟ ସେ ବାଲବାଡିରେ କାମ କରୁଥିବା ନେଇ ସାର୍ଟିଫିକେଟ ଦେଇଥିଲେ। ତାରିଖରେ ସାମାନ୍ୟ ତ୍ରୁଟି ଥିବାରୁ ନ ଜଣାଇ କିମ୍ବା ତଦନ୍ତ ନ କରି ଉକ୍ତ ସାର୍ଟିଫିକେଟକୁ ଚୟନ ପ୍ରକ୍ରିୟାରୁ ବାଦ ଦିଆଯାଇଛି। ପୂର୍ବରୁ ସିଡିପିଓ, ଉପଜିଲାପାଳ, ଅତିରିକ୍ତ ଜିଲାପାଳଙ୍କ ପାଖରେ ଅଭିଯୋଗ ହୋଇଥିବାରୁ ଏହା ତଦନ୍ତ ପରିସର ଭୁକ୍ତ। ଜିଲାପାଳ ଏହାର ବିଚାର କରନ୍ତୁ ବୋଲି ଅସହାୟ ବିଧବା ମହିଳା ପ୍ରଭାତି ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ସିଡିପିଓ ସୁଜାତା ଧଳ କହିଛନ୍ତି, ଆବେଦନ କରିବା ପରେ କମିଟି ଜରିଆରେ ପାସ୍ ହେବା ପରେ ନିଯୁକ୍ତି ଦିଆଯାଇଛି। କୌଣସି ଅନିୟମିତତା ହୋଇ ନାହିଁ।

# ଭୀମ ଭୋଇଙ୍କ ଜନ୍ମସ୍ଥାନକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବି

ରେଢାଖୋଲ,୨୩।୧୧(ଡି.ଏନ.ଏ.)



ସନ୍ଥକବି ଭୀମ ଭୋଇଙ୍କ ଜନ୍ମସ୍ଥାନ ମଧୁପୁରକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପ୍ରଦାନ ପାଇଁ ପଦ୍ମଶ୍ରୀ ହଳଧର ନାଗ ଦାବି କରିଛନ୍ତି। ଏଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପଦକ୍ଷେପ ନେବାକୁ ସେ କହିଛନ୍ତି। ଭୀମ ଭୋଇ ଜନ୍ମ ପୀଠ ଓ ସ୍ମୃତିରକ୍ଷା କମିଟି ଆନୁକୂଲ୍ୟରେ ସ୍ଥାନୀୟ ଭୀମ ଭୋଇ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ତାଙ୍କ ସାହିତ୍ୟ ଓ ଜୀବନୀ ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପଦ୍ମଶ୍ରୀ ନାଗ ସନ୍ଥକବିଙ୍କ ସାହିତ୍ୟ ବିଶ୍ୱବିଦିତ ଓ ତାଙ୍କ ଜୀବନୀ ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ କରିଥିଲେ। ମହିମାସନ୍ଥ ଶେଷଦେବ ଦାସ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଭୀମ ଭୋଇଙ୍କ ବାଣୀ କିଭଳି ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚିପାରିଛି ସେ ନେଇ ଆଲୋଚନା କରିଥିଲେ। ଭୀମ ଭୋଇ କଲେଜର ଓଡିଆ ଅଧ୍ୟାପକ ମାନଭଞ୍ଜନ କହଁର ଆଲୋଚନାଚକ୍ରକୁ ସଂଯୋଜନା କରିଥିଲେ। ସ୍ମୃତିରକ୍ଷା କମିଟି ସଭାପତି ନରହରି ପ୍ରଧାନ ସଭାପତିତ୍ୱ କରିଥିଲେ। ବିଡିଓ ପରିକ୍ଷିତ ସାହୁ, ତହସିଲଦାର ବ୍ରେସିୟୁସ ଡୁଙ୍ଗଡୁଙ୍ଗ, ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ମଧୁବନ ସାହିତ୍ୟ ସଂସଦ ସଭାପତି ଅବଧୂତ ବିଶ୍ୱାଳ,ସାହିତ୍ୟିକ ରଘୁନାଥ ପ୍ରଧାନ, ଗବେଷକ ହୃଷିକେଶ ପ୍ରଧାନ ପ୍ରମୁଖ ଯୋଗଦେଇ ଭୀମ ଭୋଇଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ମିଟର ରିଡରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ସମ୍ବଲପୁର,୨୩।୧୧(ବ୍ୟୁରୋ)

ସମ୍ବଲପୁର ଓ ଇଷ୍ଟ ଡିଭିଜନ ମିଟର ରିଡରମାନେ ବିଭିନ୍ନ ଦାବି ନେଇ ମଙ୍ଗଳବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ସେମାନେ ସମ୍ବଲପୁର, ବୁର୍ଲା, ହୀରାକୁଦ, ରେଙ୍ଗାଲି, ବ୍ରଜରାଜନଗର ଅଞ୍ଚଳରେ ବିଲିଂ ବନ୍ଦ ରଖିଛନ୍ତି । ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ପରିଚାଳନା କରୁଥିବା ଟାଟା ପାୱାରଠାରୁ ଏକ ଘରୋଇ ସଂସ୍ଥା ଟେଣ୍ଡର ହିସାବରେ ବିଲିଂ ଦାୟିତ୍ୱ ନେଇଛି। କିନ୍ତୁ ପରିତାପର ବିଷୟ ଉକ୍ତ ସଂସ୍ଥା ସରକାରୀ ନିୟମ ଅନୁସାରେ ଦରମା ଦେଉନାହିଁ। ସେମାନଙ୍କୁ ପରିଚୟ ପତ୍ର, ଦରମା ରସିଦ, ସୁରକ୍ଷା ସାମଗ୍ରୀ, ନିଯୁକ୍ତି ପତ୍ର, ଡ୍ରେସ କୋର୍ଡ ଓ ମୋବାଇଲ ଫୋନ ମଧ ଦିଆଯାଉ ନାହିଁ। ଯଦ୍ୱାରା ମିଟର ରିଡରମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ସେମାନେ ଅନ୍ଦୋଳନାତ୍ମକ ପନ୍ଥା ଗହଣ କରିଛନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଯୁଗ୍ମ ଶ୍ରମ ଆୟୁକ୍ତ, ଟିପିଡବ୍ଲ୍ୟୁଓଡିଏଲ ଅଧିକାରୀଙ୍କୁ ସ୍ମାରକପତ୍ର ଦେଇଛନ୍ତି।

# ଗ୍ୟାସ୍ ଦର ବୃଦ୍ଧି, ବିଜେଡିର ପ୍ରତିବାଦ



ବିଜେଡି ସମାବେଶରେ ମହିଳାମାନେ।

ସମ୍ବଲପୁର,୨୩।୧୧(ବ୍ୟୁରୋ)

ରନ୍ଧନ ଗ୍ୟାସ୍ ଦର ବୃଦ୍ଧିକୁ ବିଜେଡି ଦୃଢ ପ୍ରତିବାଦ କରିଛି। ସମ୍ବଲପୁର ଆର୍‌ଡିସି ଅଫିସ ସମ୍ମୁଖରେ ମହିଳା, ଯୁବ, ଛାତ୍ର ବିଜେଡି ପକ୍ଷରୁ ମଙ୍ଗଳବାର ବିକ୍ଷୋଭ କରାଯାଇଥିଲା। ଏଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ହଜାର ସଂଖ୍ୟାରେ ମହିଳା ଯୋଗଦେଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ଏପରିକି ରାସ୍ତାରେ ଖାଲି ସିଲିଣ୍ଡର ଓ ଗ୍ୟାସ୍ ଚୁଲା ରଖିବା ସହ କାଠ ଚୁଲିରେ ରୋଷେଇ କରି ପ୍ରତିବାଦ କରିଛନ୍ତି। ମହିଳା ବିଜେଡି ରାଜ୍ୟ ସଭାପତି ସ୍ନେହାଙ୍ଗିନି ଛୁରିଆ, ବିଧାୟକ ତଥା ସରକାରୀ ଦଳ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ, ଜିଲା ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ, ଜିଲା ସଭାପତି ସିଦ୍ଧାର୍ଥ ଦାସ, ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ପୂର୍ବତନ ରାଜ୍ୟ ସଭା ସଦସ୍ୟା ପ୍ରମିଳା ବହିଦାର, ପୂର୍ବତନ ଏପିଡିଏ ଅଧ୍ୟକ୍ଷ ବିଜୟ ମହାନ୍ତି, ରାଜ୍ୟ ପ୍ରବକ୍ତା ସଞ୍ଜୟ ବାବୁ ପ୍ରମୁଖ ଉପସ୍ଥିତ ଥିଲେ। ନାରୀସେବା ସଦନରୁ ଏକ ରାଲି ବାହାରି ଆର୍‌ଡିସି ଅଫିସ ସମ୍ମୁଖରେ ପହଞ୍ଚିଥିଲା। ଜିଲା ପର୍ଯ୍ୟବେକ୍ଷକ ପ୍ରଧାନ କହିଛନ୍ତି, ରନ୍ଧନ ଗ୍ୟାସ୍, ତୈଳଦର, ଦରମାମ ବୃଦ୍ଧିକୁ ନେଇ ଜନସାଧାରଣ ଅତିଷ୍ଠ ହୋଇଗଲେଣି। ୨୦୧୭ରେ ଗ୍ୟାସ୍ ସିଲିଣ୍ଡର ପିଛା ୫୪୭ ଟଙ୍କା ଥିବାବେଳେ ଏବେ ଏହା ପ୍ରାୟ ୯୪୫ ଟଙ୍କାରେ ପହଞ୍ଚିଛି। ଆଗାମୀ ଦିନରେ ବ୍ଲକ ଓ ଗ୍ରାମାଞ୍ଚଳରେ ଏହି ଆନ୍ଦୋଳନ କରାଯିବ। ବିଧାୟକ ପୂଜାରୀ କହିଥିଲେ, ୩ ବର୍ଷ ଭିତରେ ୭୦ ବର୍ଷର ରେକର୍ଡ ଭାଙ୍ଗିଛି ଗ୍ୟାସ୍ ଦର। ଏହି ଆନ୍ଦୋଳନ ଦରଦାମ ହ୍ରାସ ନ ହେବା ପର୍ଯ୍ୟନ୍ତ ଜାରି ରହିବ। ପୂର୍ବତନ ବିଧାୟିକା ପାଣିଗ୍ରାହୀ କହିଥିଲେ, ଗୋଟିଏ ଡାକରାରେ ହଜାର ସଂଖ୍ୟାରେ ମହିଳା ସାମିଲ ହୋଇଯାଇଛନ୍ତି। ଏଥିରୁ ଏହା ଜନସାଧାରଣଙ୍କ ଆନ୍ଦୋଳନରେ ପରିଣତ ହୋଇଥିବା ସ୍ପଷ୍ଟ ହେଉଛି। ଛାତ୍ର ସଭାପତି ଡ. ସିଦ୍ଧାନ୍ତ ମହାନ୍ତି, ଯୁବ ଜିଲା ସଭାପତି ଲକ୍ଷ୍ମୀପ୍ରସାଦ ମହାପାତ୍ର, ମହିଳା ବିଜେଡି ସଭାପତି ବନ୍ଦିତା ରାଣୀ ମିଶ୍ର ସଂଯୋଜନା କରିଥିଲେ।


## ଜିଲ୍ଲା ପ୍ରଶାସନ, ସମ୍ବଲପୁର

ଏତଦ୍ୱାରା ନିୟନ୍ତ୍ରିତ ବଜାର କମିଟି, ସମ୍ବଲପୁର ଅନ୍ତର୍ଗତ ସମସ୍ତ ଚାଷୀ ଭାଇ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ଖରିଫ ୨୦୨୧-୨୨ ଋତୁରେ ଚାଷୀ ଭାଇ ଭଉଣୀମାନେ ଯେପରି ନିଜର ଉତ୍ପାଦିତ ଧାନ ସୁବିଧାରେ ବିକ୍ରୟ କରିପାରିବେ ସେଥି ନିମନ୍ତେ ଆସନ୍ତା ୨୪।୧୧।୨୦୨୧ରିଖଠାରୁ ନିମ୍ନଲିଖିତ ବଜାର ପ୍ରାଙ୍ଗଣରେ ନିର୍ଦ୍ଧାରିତ ଦିନମାନଙ୍କରେ ବିକ୍ରୟ କରିପାରିବେ।

| କ୍ର.ନଂ. | ବଜାର ପ୍ରାଙ୍ଗଣ/କ୍ରୟ କେନ୍ଦ୍ରର ନାମ | ଧାର୍ଯ୍ୟ ଦିନ |
|---|---|---|
| ୧. | ଗୋଶାଳା, ଲଡୁଖାଇ, ଆ.କଣ୍ଟାପାଲି, ବରେଇପାଲି (ରେମେଡ PACS), ବରେଇପାଲି, (ଶଙ୍କରମା) PACS, ଚାଉଁରପୁର, ଜାମପାଲି | ସୋମବାର, ମଙ୍ଗଳବାର, ବୁଧବାର ଓ ଶୁକ୍ରବାର |
| ୨. | ଟାରପାଲି, ଶାସନ, ତାଳବ PACS | ସୋମବାର, ବୁଧବାର ଓ ଶୁକ୍ରବାର |
| ୩. | ଗୋବିନ୍ଦପାଲି, ଗଡ଼ମୁଣ୍ଡା, କାଇଁସିର, ଧମା, ଦେଓଗାଁ, ବରଗାଁ, ବଟେମୁରା, ମାଳତୀ ଗୁଣ୍ଡେରପୁର, ସାହସପୁର, ବଦୁଆପାଲି, ଶଙ୍ଖଲା, ମିର୍ଗାମୁଣ୍ଡା, ପାଲଟିକିରା (ସନାତନ ପାଲି), ରେଙ୍ଗାଲି, ବାରଢୁଙ୍ଗୁରି, କତରବଗା, ମା-ମେଟାକାନୀ (SHG) | ସୋମବାର, ବୁଧବାର ଓ ଶୁକ୍ରବାର |
| ୪. | କୁଦ, ଆମ୍ଲିପାଲି, ମାତୃଶକ୍ତି SHG, ବିଶାଲଖିଣ୍ଡା, ସିନ୍ଦୂରପଙ୍କ, ଠେମେରା, କୁଳତା ନୂଆପାଲି, ତବଲା, ଗୁଡ଼େସିଂହା, ପରମାଣପୁର, ଭିକମପୁର, ନୂଆମୁରା (ରସିଆପାଲି), କୁକୁଡ଼ାପାଲି, ଗିରିପାଲି, ଖଲିଆପାଲି, ଜୟନ୍ତପୁର, କନଖିଣ୍ଡା | ମଙ୍ଗଳବାର, ଗୁରୁବାର ଓ ଶନିବାର |
| ୫. | ରାସନପୁର (ଝାଙ୍କରପାଲି), ନୂଆବରଙ୍ଗାମାଳ | ସୋମବାର, ମଙ୍ଗଳବାର, ଗୁରୁବାର ଓ ଶନିବାର |
| ୬. | ଯୁଯୋମୁରା, ଗଡ଼ଲୋଇସିଂହ (ମାତୃଶକ୍ତି SHG), କୟାକୁଦ (ମା ଅନ୍ନପୂର୍ଣ୍ଣା) SHG | ସୋମବାର, ଶନିବାର |
| ୭. | ଝାଙ୍କରପାଲି (କତରବଗା) | ମଙ୍ଗଳବାର, ଶନିବାର |
| ୮. | ଲଇଡ଼ା ମାର୍କେଟୟାର୍ଡ଼ | ସୋମବାର, ବୁଧବାର ଓ ଶନିବାର |
| ୯. | ମା' ବିରଜା (SHG) (ଗୋଶାଳା) | ସୋମବାର, ବୁଧବାର |
| ୧୦. | ମା' ଲକ୍ଷ୍ମୀ (SHG) (ରାସନପୁର) | ସୋମବାର, ଶୁକ୍ରବାର |
| ୧୧. | ଟାମ୍ପରଗଡ଼, ହାତୀବାରୀ | ବୁଧବାର |
| ୧୨. | ଛାମୁଣ୍ଡା, କେଶାପାଲି | ଗୁରୁବାର |
| ୧୩. | କିନାଲୋଇ, ମେଘପାଳ | ଶୁକ୍ରବାର |

ଚାଷୀ ଭାଇ, ଭଉଣୀମାନଙ୍କୁ ବିଶେଷ ଅନୁରୋଧ ତାଙ୍କର ଉତ୍ପାଦିତ ବଳକା ବିକ୍ରୟଯୋଗ୍ୟ ଶୁଖିଲା ଓ ପରିଷ୍କାର (FAQ) ମାନର ଧାନକୁ ଉପରୋକ୍ତ ଦିନଗୁଡ଼ିକରେ ସମୟ ସକାଳ ୮ ଘଟିକାଠାରୁ ମଧ୍ୟାହ୍ନ ୧୨ ଘଟିକା ପର୍ଯ୍ୟନ୍ତ ବିକ୍ରୟ କରିପାରିବେ। ଏତଦ୍‌ବ୍ୟତୀତ ପଞ୍ଜୀକୃତ କରିଥିବା ଚାଷୀ ଭାଇ ଭଉଣୀମାନେ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଟୋକନ ମାଧ୍ୟମରେ ସମ୍ପୃକ୍ତ ବଜାର ପ୍ରାଙ୍ଗଣ ତଥା ଧାନ କ୍ରୟକେନ୍ଦ୍ରମାନଙ୍କରେ ବିକ୍ରୟ କରିବାକୁ ଅନୁରୋଧ।

**ପ୍ରକାଶ ଥାଉକି ସରକାରଙ୍କ ନିର୍ଦ୍ଦେଶ ମୁତାବକ କରୋନା (COVID-19) ମହାମାରୀ ଭୟାବହତାକୁ ଦୃଷ୍ଟିରେ ରଖି ଧାନ କ୍ରୟ କେନ୍ଦ୍ର ତଥା ବଜାର ପ୍ରାଙ୍ଗଣମାନଙ୍କରେ ସାମାଜିକ ଦୂରତା ରକ୍ଷା କରିବା ସଙ୍ଗେ ସଙ୍ଗେ ମୁହଁରେ ମାସ୍କ ଦ୍ୱାରା ଆଚ୍ଛାଦିତ କରିବା ପାଇଁ ସବିନୟ ଅନୁରୋଧ।**

**ସରକାରଙ୍କ ଦ୍ୱାରା ଧାର୍ଯ୍ୟମତେ ନିମ୍ନଲିଖିତ ସର୍ବନିମ୍ନ ସହାୟକ ଦର**

| | ଧାନର କିସମ | କୁଇଣ୍ଟାଲ ପ୍ରତି ଦର |
|---|---|---|
| ୧. | ସାଧାରଣ ଧାନ (FAQ) | ଟ.୧୯୪୦.୦୦ |
| ୨. | 'କ' ଶ୍ରେଣୀ ଧାନ (FAQ) | ଟ.୧୯୬୦.୦୦ |

ସୌଜନ୍ୟ: ନିୟନ୍ତ୍ରିତ ବଜାର କମିଟି, ସମ୍ବଲପୁର

## ସିମେଣ୍ଟ ଗୋଦାମ ଟ୍ରକ୍‌ରୁ ଚୋରି ଉଦ୍ୟମ

**ବଲାଙ୍ଗୀର ଅଫିସ:** ବଲାଙ୍ଗୀରର ସୁଦପଡା ଏସିସି ସିମେଣ୍ଟ ଗୋଦାମରେ ଥିବା ଏକ ଟ୍ରକ୍‌ରୁ ଚୋରି ଉଦ୍ୟମ କରୁଥିବା ଜଣେ ଯୁବକଙ୍କୁ ଡ୍ରାଇଭର ସୋମବାର ରାତିରେ କାବୁ କରିଥିଲେ। ପରେ ସମ୍ପୃକ୍ତ ଯୁବକଙ୍କୁ ଟାଉନ୍ ଥାନା ପୋଲିସ ଜିମା ଦିଆଯାଇଛି। ଏହି ଘଟଣାକୁ ନେଇ ଓଡିଶା ଡ୍ରାଇଭର ମହାସଂଘ ବଲାଙ୍ଗୀର ଜିଲା ଶାଖା ପକ୍ଷରୁ ମଙ୍ଗଳବାର ଟାଉନ୍ ଥାନାରେ ଅଭିଯୋଗ କରାଯାଇଛି। ସହରର ବିଭିନ୍ନ ସ୍ଥାନରୁ ଏବଂ ଟ୍ରକ୍ ଭିତରୁ ବାରମ୍ବାର ଚୋରି ହେଉଥିବାରୁ ତୁରନ୍ତ ପୋଲିସ ପକ୍ଷରୁ କଡାକଡି ପାଟ୍ରୋଲିଂ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି।

## ସଂକ୍ଷେପରେ

### ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ

- ହତ୍ୟା ପରେ ପୋଡି ଦେଇଥିବା ସନ୍ଦେହ
- ସାଇଣ୍ଟିଫିକ୍ ଯାଞ୍ଚ, ପୋଲିସ ତଦନ୍ତ ଆରମ୍ଭ
- ମୃତକଙ୍କ ପରିଚୟ ମିଳିନାହିଁ

**ବଲାଙ୍ଗୀର ଅଫିସ, ୨୩।୧୧:** ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପଛପଟ ପାଚେରି ନିକଟରେ ମଙ୍ଗଳବାର ଜଣେ ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପଡିଥିବା ଦେଖାଯାଇଛି। ମୃତକଙ୍କ ବୟସ ୨୦ରୁ ୨୨ ବର୍ଷ ହେବ। ଘଟଣା ସମ୍ପର୍କରେ ଖବର ପାଇବା ପରେ ବଲାଙ୍ଗୀର ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତରୁ ଯୁବକଙ୍କୁ ହତ୍ୟା କରିବା ପରେ ଅଖାବସ୍ତା ଓ ପେଟ୍ରୋଲ ଢ଼ାଳି ପୋଡି ଦିଆଯାଇଥିବା ପୋଲିସ ଅନୁମାନ କରୁଛି। ମୃତଦେହ ପୋଡି ଯାଇଥିବାରୁ ପରିଚୟ ମିଳି ପାରିନାହିଁ। ସାଇଣ୍ଟିଫିକ୍ ଟିମ୍ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି। ଅର୍ଦ୍ଧଦଗ୍ଧ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ପଠାଯାଇଛି। ଏ ସମ୍ପର୍କରେ ସଦର ଏସ୍‌ଡିପିଓ ତୋଫାନ୍ ବାଗଙ୍କୁ ପଚରାଯିବାରୁ ବ୍ୟବଚ୍ଛେଦ ପରେ ହତ୍ୟାର କାରଣ ସ୍ପଷ୍ଟ ହେବ ବୋଲି କହିଛନ୍ତି। ଏ ସମ୍ପର୍କରେ ଟାଉନ୍ ଥାନାରେ ଏକ ମାମଲା (୫୭୩/୨୧) ରୁଜୁ ହୋଇଛି।

### ଛୁରାମାଡ଼ କରି ଟଙ୍କା ଲୁଟ୍ ଅଭିଯୋଗ

**ବଲାଙ୍ଗୀର ଅଫିସ,୨୩।୧୧:** ବଲାଙ୍ଗୀର ସହର ଚନ୍ଦ୍ରଶେଖର ନଗର ଛକରେ ଛୁରାମାଡ କରି ଜଣେ ଯୁବକଙ୍କଠାରୁ ୧୫ ହଜାର ଟଙ୍କା ଲୁଟି ନେଇଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି। ଛୁରାମାଡ ଓ ଲୁଟ୍‌ର ଶିକାର ହୋଇଥିବା ଯୁବକ ଜଣକ ହେଲେ ଚନ୍ଦ୍ରଶେଖର ନଗରର ରାଜା କାଲସାଲ (୨୫)। କଲେଜ ଛକ ମାଂସ ଦୋକାନରେ କାମ କରୁଥିବା ରାଜା ସୋମବାର ରାତିରେ କାମ ସାରି ତାଙ୍କ ଚନ୍ଦ୍ରଶେଖରନଗର ଘରକୁ ଫେରୁଥିବାବେଳେ ଛକ ନିକଟରେ ୪ ଜଣ ଯୁବକ ତାଙ୍କୁ ଅଟକାଇଥିଲେ। ଛୁରାମାଡ କରିବା ସହ ତାଙ୍କଠାରୁ ୧୫ ହଜାର ଟଙ୍କା ଲୁଟ୍ କରିଥିବା ରାଜା ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଟାଉନ୍ ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଲେ ଡିଆର୍‌ଏମ୍

**ଲାଠୋର,୨୩।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲାଠୋରରେ ଥିବା ରେଳ ଫାଟକ ଟ୍ରେନ ଚଳାଚଳ ପାଇଁ ଦିନର ବହୁ ସମୟ ବନ୍ଦ ରହୁଛି। ବାଏପାସ୍ ରାସ୍ତା ନ ଥିବା ଯୋଗୁଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରେଳ ଫାଟକ ନିକଟରେ ଓଭର ବ୍ରିଜ ଅଥବା ଅଣ୍ଡର ବ୍ରିଜ ନିର୍ମାଣ ପାଇଁ ଅଞ୍ଚଳବାସୀ ଦୀର୍ଘଦିନ ହେଲା ଦାବି କରି ଆସୁଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ଏ ନେଇ ନଭେମ୍ବର ୨୨ତାରିଖ ଧରିତ୍ରୀରେ ରେଳ ଫାଟକ ରାସ୍ତାରେ ବ୍ରିଜ ନିର୍ମାଣ ଦାବି ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହି ଖବରକୁ ଶିକ୍ଷକ ଗଜମଣି ବାଗ ସମ୍ବଲପୁର ରେଲୱେ ଡିଭିଜନାଲ ମ୍ୟାନେଜର(ଡିଆରଏମ୍) ପ୍ରଦୀପ କୁମାରଙ୍କୁ ଟ୍ୱିଟ୍ କରି ସମସ୍ୟାର ଅନୁଧାନ କରିବାକୁ ଅନୁରୋଧ କରିଥିଲେ। ଏହାକୁ ଗୁରୁତ୍ୱ ଦେଇ ଡିଆରଏମ ସମସ୍ୟା ଅନୁଧାନ କରି ବିହିତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ମିନିଟ୍ରକ୍ ଧକ୍କାରେ ସ୍କୁଲ ଛାତ୍ରୀ ଗୁରୁତର

**ବାଉଁଶୁଣୀ,୨୩।୧୧(ଡି.ଏନ.ଏ.):** ବୌଦ୍ଧ ଜିଲା ବାଉଁଶୁଣୀ ଥାନା ୫୭ ନଂ ଜାତୀୟ ରାଜପଥର ବାଉଁଶୁଣୀ ଛକ ନିକଟରେ ମଙ୍ଗଳବାର ଏକ ମିନି ଟ୍ରକ ଧକ୍କାରେ ଜଣେ ଛାତ୍ରୀ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୨ଟା ସମୟରେ ବାଉଁଶୁଣୀ ବାଳିକା ଉଚ୍ଚ ବିଦ୍ୟାଳୟର ୧୦ ଶ୍ରେଣୀ ଛାତ୍ରୀ ମଥୁରା ନାଏକ(୧୫) ସ୍କୁଲ ଛୁଟି ହେବା ପରେ ନିଜ ଘର ଗୋଛାପଡା ପଞ୍ଚାୟତ ଟାଲୁପାଲି ଗ୍ରାମକୁ ସାଇକେଲ ଯୋଗେ ଯାଉଥିଲେ । ଏହି ସମୟରେ ବରଗଡ଼ରୁ ଦଶପଲ୍ଲା ଅଭିମୁଖେ ଯାଉଥିବା କୁକୁଡା ଦାନ ବୋଝେଇ ଏକ ମିନିଟ୍ରକ (ଓଡି ୦୨ ବିବି ୬୬୪୦) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଛାତ୍ରୀ ଜଣକ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ପୋଲିସ ପହଞ୍ଚି ମିନିଟ୍ରକ ଜବତ କରିଛି । ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିଥିବାରୁ ବାଉଁଶୁଣୀ ଛକରେ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି ।

# ଧାନକିଣାରେ ସ୍ୱଚ୍ଛତା ଚିନ୍ତା

### ବିଭାଗୀୟ ଗୃହ କମିଟି ସମୀକ୍ଷା ବୈଠକ

**ବଲାଙ୍ଗୀର ଅଫିସ, ୨୩।୧୧**

ବଲାଙ୍ଗୀର ସର୍କିଟ ହାଉସଠାରେ ବିଧାନସଭା ଗୃହ କମିଟିର ବିଭାଗୀୟ ଷ୍ଟାଣ୍ଡିଂ କମିଟି ୬ର ଦ୍ୱିତୀୟ ଦିନ ବୈଠକ ମଙ୍ଗଳବାର କମିଟି ଅଧ୍ୟକ୍ଷ ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ଜିଲାରେ ଆଗାମୀ ୨୯ ତାରିଖରୁ ଧାନକିଣା ଯିବ ବୋଲି ଜିଲାସ୍ତରୀୟ ଧାନକିଣା ପ୍ରସ୍ତୁତି ବୈଠକରେ ଧାର୍ଯ୍ୟ କରାଯାଇଛି। ତେଣୁ ସେହି ତାରିଖରେ ଧାନକିଣା ସମ୍ବନ୍ଧୀୟ ବିଭାଗୀୟ ପ୍ରସ୍ତୁତି କେଉଁ ସ୍ତରରେ ପହଞ୍ଚିଛି, ଚାଷୀଙ୍କୁ ସୂଚନା ଦିଆଯାଇଛି କି ନାହିଁ, ଟୋକନ କେବେ ଆସିବ, ଟୋକନ ସମୟ ବିଳମ୍ବ ଯୋଗୁଁ ରଦ୍ଦ ହୋଇଗଲେ ତାର ବ୍ୟବସ୍ଥା କିପରି ହେବ ସେ ଉପରେ କମିଟି ଅଧ୍ୟକ୍ଷ ମିଶ୍ର ପଚାରି ବୁଝିଥିଲେ । ସେହିପରି କଳାହାଣ୍ଡି ଜିଲାରେ ଆଗାମୀ ୨୫ତାରିଖରୁ ଧାନକିଣା ଯିବ ଏବଂ ସେହି ଜିଲାରେ ବିଭାଗ କେତେ ଦୂର


ବିଧାନସଭା ଗୃହ ବିଭାଗୀୟ ଷ୍ଟାଣ୍ଡିଂ କମିଟି ୬ର ବୈଠକ।

ପ୍ରସ୍ତୁତ ରହିଛି କମିଟି ସଦସ୍ୟ ପ୍ରଦୀପ କୁମାର ଦିସାରୀ ଅଧିକାରୀମାନଙ୍କୁ ପ୍ରଶ୍ନ କରିଥିଲେ। କଳାହାଣ୍ଡି ଜିଲାରେ ବଲାଙ୍ଗୀର ଜିଲାଠାରୁ ଅଧିକ ଧାନ ଅମଳ ହୁଏ। କିନ୍ତୁ ସେଠାରେ ଧାନକିଣା କେନ୍ଦ୍ର କମ୍ ଥିବାରୁ ଅଧ୍ୟକ୍ଷ ମିଶ୍ର ଏପରି କାହିଁକି ହେଉଛି ବୋଲି ପ୍ରଶ୍ନ କରିଥିଲେ। କଳାହାଣ୍ଡି ଜିଲାରେ ଧାନକିଣା ତାରିଖ ଆସନ୍ତା ୨୫ଧାର୍ଯ୍ୟ ହୋଇଥିଲେ ହେଁ କୌଣସି ପ୍ରକାର ତଥ୍ୟ ଧାନକିଣା କେନ୍ଦ୍ର କି ଚାଷୀ ପାଖରେ ନ ଥିବା ଜଣାପଡିଥିଲା। ଏହାକୁ ନେଇ ଅଧ୍ୟକ୍ଷ ମିଶ୍ର କ୍ଷୋଭ ପ୍ରକାଶ କରିଥିଲେ। ଧାର୍ଯ୍ୟ ତାରିଖର ୭ଦିନ ପୂର୍ବରୁ ଚାଷୀମାନଙ୍କୁ ସବିଶେଷ ସୂଚନା ପ୍ରଦାନ କରନ୍ତୁ ବୋଲି ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସିସି କ୍ୟାମେରାକୁ ନେଇ ଅଧ୍ୟକ୍ଷଙ୍କ ପ୍ରଶ୍ନରେ ବଲାଙ୍ଗୀର ଜିଲାରେ ୯୫ ପ୍ରତିଶତ ଧାନକ୍ରୟ କେନ୍ଦ୍ରରେ ସିସି କ୍ୟାମେରା ଲାଗି ସାରିଛି। ଅବଶିଷ୍ଟ ସ୍ଥାନରେ ୨୯ତାରିଖ ପୂର୍ବରୁ ଲାଗିବ ବୋଲି ଭାରପ୍ରାପ୍ତ ଡିଆରସିଏସ୍ ଉତ୍ତର ଦେଇଥିଲେ। ଚାଷୀଙ୍କ ଧାନ ବିକ୍ରି ସମସ୍ୟାର ସମାଧାନ ପାଇଁ ଆଗାମୀ ୩୦ ତାରିଖରେ ଭୁବନେଶ୍ୱରରେ ବିଭାଗୀୟ କମିଟିର ପୂର୍ଣ୍ଣାଙ୍ଗ କମିଟି ବୈଠକ ଡାକିବାକୁ ନିଷ୍ପତ୍ତି ହୋଇଥିଲା। ଧାନକିଣା ସମ୍ବନ୍ଧୀୟ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଏହି ବୈଠକରେ ସମସ୍ତ ସୂଚନା ଓ ପ୍ରସ୍ତୁତି ସହ ଉପସ୍ଥିତ ରହିବାକୁ ଅଧ୍ୟକ୍ଷ ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ଆଗଲପୁର ବ୍ଲକର ଡୁଡୁକାର ଚାଷୀମାନଙ୍କ ଠାରୁ ଚଳିତବର୍ଷ କ୍ଷେତ୍ର ପରିଦର୍ଶନରେ ନିଷ୍ପତ୍ତି ମୁତାବକ ଏଫ୍‌ସିଆଇ ଯେପରି ଧାନ କିଣିବ ସେ ଉପରେ ବଲାଙ୍ଗୀର ଜିଲାପାଳ ଚିଠି ଲେଖିବେ ବୋଲି ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ଧାନକିଣା ସମ୍ବନ୍ଧୀୟ ସମସ୍ତ ଅଧିକାରୀଙ୍କ ସହ ବଲାଙ୍ଗୀର ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରି, ଉପଜିଲାପାଳ ଲମ୍ବୋଦର ଧରୁଆ ଉପସ୍ଥିତ ଥିଲେ ।

# ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ କରାଇବା ଉପରେ ଗୁରୁତ୍ୱ



ବୌଦ୍ଧରେ ମହିଳା କମିଶନ ପକ୍ଷରୁ ଆୟୋଜିତ ଆଇନ ସଚେତନତା ଶିବିରରେ ଉପସ୍ଥିତ ଅତିଥି ।

### ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷାଙ୍କ ବୌଦ୍ଧ ଗସ୍ତ

**ବୌଦ୍ଧ,୨୩।୧୧(ସ୍ୱ.ପ୍ର.)**

ବୌଦ୍ଧ ଟାଉନହଲଠାରେ ରାଜ୍ୟ ମହିଳା କମିଶନ ପକ୍ଷରୁ ମଙ୍ଗଳବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ସମ୍ମାନିତ ଅତିଥି ଭାବେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଡ. ମିନତୀ ବେହେରା, ସଦସ୍ୟା ସୁଶ୍ରୀ ସ୍ନେହାଳୀ ମହାନ୍ତି, ଜଲିନା ପ୍ରିୟଦର୍ଶିନୀ, ଅତିରିକ୍ତ ଏସ୍‌ପି ବିଜୟା ବରୁଆ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ରବୀନ୍ଦ୍ର କୁମାର ରାଉତ ଯୋଗଦେଇ ମହିଳାଙ୍କ ସୁରକ୍ଷା ପାଇଁ ରହିଥିବା ବିଭିନ୍ନ ଆଇନଗତ ଦିଗ ଓ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ । ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ କରାଇବା ଲାଗି ଅତିଥିମାନେ ଗୁରୁତ୍ୱ ଆରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଲୋକକଳା ବିକାଶ କେନ୍ଦ୍ରର ସମ୍ପାଦିକା ପୁଷ୍ପିତା ପ୍ରଧାନ,ବୌଦ୍ଧ ଆଦର୍ଶ ଥାନା ଅଧିକାରୀ ସୁଶ୍ରୀ ତପସ୍ୱିନୀ କହଁର ସାଧନ କର୍ମୀ ଭାବରେ ଯୋଗଦେଇ ମହିଳାମାନଙ୍କ ସମସ୍ୟା ଓ ପୋଲିସ ଭୂମିକା ଉପରେ ଆଲୋକପାତ କରିଥିଲେ। କମିଶନ ଅଧ୍ୟକ୍ଷା ବେହେରା ଘରୋଇ ହିଂସା ଆଇନ ଓ ଯୌତୁକ ନିର୍ଯାତନା ଆଇନ ଉପରେ ଆଲୋକପାତ କରିଥିଲେ। ସ୍ନେହାଳୀ କାର୍ଯ୍ୟସ୍ଥଳରେ ହେଉଥିବା ଯୌନଶୋଷଣ ଉପରେ କହିଥିଲେ। ଜିଲା ସମାଜ ମଙ୍ଗଳ ବିଭାଗ ଦ୍ୱାରା ସଂଯୋଜିତ ଏହି କାର୍ଯ୍ୟକ୍ରମରେ ବୌଦ୍ଧ ବ୍ଲକ ସିଡିପିଓ ମିନତୀ ଦେଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଜିଲା ସମାଜ ମଙ୍ଗଳ ଅଧିକାରୀ ଲକ୍ଷପତି ଭୋଇ ସ୍ୱାଗତ ଭାଷଣ ଦେବା ସହ ମଞ୍ଚ ପରିଚାଳନା କରିଥିଲେ। ଜିଲା ବାଲ୍ୟ ବିବାହ ପରାମର୍ଶଦାତ୍ରୀ ପ୍ରବିଜ୍ଞା ଦାଶ ସମ୍ବର୍ଦ୍ଧନା ପତ୍ର ପାଠ କରିଥିଲେ। ପ୍ରୋଗ୍ରାମ ଅଫିସର ଶର୍ମିଷ୍ଠା ହୋତା ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୋଭିଡ ଯୋଦ୍ଧା ଭାବରେ କାର୍ଯ୍ୟ କରିଥିବା ଆଶାକର୍ମୀ ପ୍ରତିମା ପ୍ରଧାନ ମୁଣ୍ଡିପଦର, ବୌଦ୍ଧ ଆଦର୍ଶ ଥାନା ଅଧିକାରୀ କହଁର, ଅଙ୍ଗନବାଡି କର୍ମୀ ସବିତା ସୁନ୍ଦରୀ ପ୍ରଧାନ ଡିମିରିଖୋଲ, ଡା.ଶୁଭଲକ୍ଷ୍ମୀ କିଷାନ ମେଡିକାଲ ଅଫିସର ଘଣ୍ଟାପଡା ସ୍ୱାସ୍ଥ୍ୟକେନ୍ଦ୍ର, ହରଭଙ୍ଗା ବ୍ଲକ ସାନବଙ୍କାପଡାର ଆସ୍ଥା ସ୍ୱୟଂ ସହାୟିକା ଗୋଷ୍ଠୀ , କନ୍ଧମାଳ ବ୍ଲକ କୁଲତାଜୋର ପଞ୍ଚାୟତର ସରପଞ୍ଚ ପଦ୍ମାବତୀ ରଣା ଓ ସାମାଜିକ ପରାମର୍ଶଦାତ୍ରୀ ଭାବରେ ଲୋକକଳା ବିକାଶ କେନ୍ଦ୍ର ସରସରାର ସମ୍ପାଦିକା ପୁଷ୍ପିତା ପ୍ରଧାନ, ମହିଳା ଆଇନଜୀବୀ ଅଙ୍କିତା ଶତପଥୀ, ପ୍ରୋଟେକସନ ଅଧିକାରୀ ଶର୍ମିଷ୍ଠା ହୋତା, ସଖୀ ସେଣ୍ଟର ପ୍ରଶାସିକା ତଦାଶା ମାଝିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା, ଅବକାରୀ ଅଧୀକ୍ଷକ କ୍ରିଷ୍ଣା ନାୟକ, ସାଗରିକା ପ୍ରଧାନ, କନ୍ଧମାଳ ରେଞ୍ଜ ଅଧିକାରୀ କ୍ଷୀରାବ୍ଧୀ ପ୍ରଧାନ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

# ରନ୍ଧନ ଗ୍ୟାସ୍ ଦରବୃଦ୍ଧି ପ୍ରତିବାଦରେ ବିଜେଡିର ଗଣଧାରଣା

**ବଲାଙ୍ଗୀର ଅଫିସ, ୨୩।୧୧**

ରନ୍ଧନ ଗ୍ୟାସ ଦରବୃଦ୍ଧି ପ୍ରତିବାଦରେ ବିଜେଡି ପକ୍ଷରୁ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଜିଲା ଯୁବ ବିଜେଡି ସଭାପତି ରାଜେନ୍ଦ୍ର ହୋତାଙ୍କ ପରିଚାଳନାକ୍ରମେ ଅନୁଷ୍ଠିତ ଧାରଣାରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ଅନଙ୍ଗ ଉଦୟ ସିଂଦେଓ, ପୂର୍ବତନ ଏମପି କଳିକେଶ ନାରାୟଣ ସିଂଦେଓ, ଯୁବନେତା ଅର୍କେଶ ନାରାୟଣ ସିଂଦେଓ, ସଦର ବ୍ଲକ ଅଧ୍ୟକ୍ଷ ଗୋଲାପ ବାଗ, ପୂର୍ବତନ ନଗରପାଳ ସନ୍ତୋଷିନୀ ବେହେରା, ଦମୟନ୍ତୀ ବାଗ ଯୋଗଦେଇଥିଲେ।


ବିଜେଡି ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ଉପସ୍ଥିତ ବରିଷ୍ଠ ନେତା, କର୍ମୀ।

କେନ୍ଦ୍ର ସରକାରଙ୍କ ରନ୍ଧନ ଗ୍ୟାସର ଦରବୃଦ୍ଧି ନୀତିକୁ କଠୋର ଭାଷାରେ ବିଜେଡି ନେତାମାନେ ସମାଲୋଚନା କରିଥିଲେ। କେନ୍ଦ୍ର ସରକାରଙ୍କ ଉଜ୍ଜଳା ଯୋଜନା ପରିହାସର ବିଷୟ ପାଲଟିଛି ବୋଲି ମହିଳା ନେତ୍ରୀମାନେ କହିଥିଲେ। ଗତ ସାଢ଼େ ତିନିବର୍ଷ ମଧ୍ୟରେ ରନ୍ଧନ ଗ୍ୟାସ ଦର ୭୦ ପ୍ରତିଶତ ବୃଦ୍ଧି ପାଇଛି। ୩୭୬ ଟଙ୍କା ବୃଦ୍ଧି ଘଟି ଗ୍ୟାସ ସିଲିଣ୍ଡର ଏବେ ୯୨୬ ଟଙ୍କାରେ ମିଳୁଛି। ତୁରନ୍ତ ଦରବୃଦ୍ଧି ବନ୍ଦ କରି ସମସ୍ତ ପରିବାରକୁ ୫ଶହ ଟଙ୍କାରେ ରନ୍ଧନ ଗ୍ୟାସ ଯୋଗାଇ ଦେବାକୁ ବିଜେଡି ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଦାବି କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ଅଶୋକ ମହାନ୍ତି, ଭଗବାନ ବଗର୍ତ୍ତୀ, ମହେନ୍ଦ୍ର ବାଗ, ଜୟରାମ ମିଶ୍ର, ପ୍ରଦୀପ ସାହୁ, ଶାନ୍ତନୁ ଭୋଇ, ବିଭୂତି ଭୂଷଣ ମିଶ୍ର, ବୁଲୁ ବେହେରା, କୈଳାସ ମହାନ୍ତି, ଶିବ ବେହେରା, ଲିପିଶ୍ରୀ ସାଏ, ନନ୍ଦିନୀ ପୋଢ଼, ରିତିକା ବେହେରା, ମମତା ଜେନା ଉପସ୍ଥିତ ଥିଲେ।

# 'ଜନସଂଖ୍ୟା ବୃଦ୍ଧି ନ ରୋକିଲେ ଆଗକୁ ଅଡୁଆ ସ୍ଥିତି'


ଜନସଂଖ୍ୟା ସମାଧାନ ଫାଉଣ୍ଡେଶନ ପକ୍ଷରୁ ଖବରଦାତା କରାଯାଉଛି।

**ବଲାଙ୍ଗୀର ଅଫିସ, ୨୩।୧୧:** ଭାରତରେ ଜନସଂଖ୍ୟା ବୃଦ୍ଧି ବିଷମ ପରିସ୍ଥିତି ସୃଷ୍ଟ କଲାଣି। ଆଗକୁ ଏହା ମହାସଙ୍କଟକୁ ଟାଣିନେବ। ଏହାକୁ ନେଇ ଏବେଠୁ ସଚେତନ ନହେଲେ ଆଗକୁ ଅଡୁଆ ପରିସ୍ଥିତି ସୃଷ୍ଟି କରିବ ବୋଲି ଜନସଂଖ୍ୟା ସମାଧାନ ଫାଉଣ୍ଡେସନ୍ ପକ୍ଷରୁ ରାଜ୍ୟ ସଭାପତି ବିପିନ ଦାସ କହିଛନ୍ତି। ସ୍ଥାନୀୟ କ୍ଷୁଦ୍ର ଜଳସେଚନ ଡାକବଙ୍ଗଳାଠାରେ ଜନସଂଖ୍ୟା ସମାଧାନ ଫାଉଣ୍ଡେସନ୍ ପକ୍ଷରୁ ଏକ ପ୍ରେସମିଟ୍ କରାଯାଇଥିଲା। ଭାରତର ଜନସଂଖ୍ୟା ଏବେ ୧୩୮ କୋଟି ରହିଛି। ଆଉ କିଛି ବର୍ଷ ମଧ୍ୟରେ ଭାରତ ଚୀନ୍‌କୁ ଟପି ବିଶ୍ୱର ପ୍ରଥମ ଦେଶ ହୋଇଯିବ। ଏଥିଯୋଗୁଁ ଖାଦ୍ୟ ସଙ୍କଟ, ବେକାରୀ ବୃଦ୍ଧି, ଅପରାଧ ବୃଦ୍ଧି ପାଇବା ଲକ୍ଷଣ ଦେଖାଦେଲାଣି। ଏଣୁ ଏବେଠୁ ସଚେତନ ନହେଲେ ଆଗକୁ ପରିସ୍ଥିତ ଭୟାବହ ହେବ। ଏଣୁ ତୁରନ୍ତ କେନ୍ଦ୍ର ସରକାର ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ଦୁଇଟି ସନ୍ତାନ ନୀତି ଜାରି କରିବାକୁ ଦାବି କରିଥିଲେ। ଫାଉଣ୍ଡେସନ୍‌ର ଜିଲା ସଭାପତି ଗୋପାଳଜୀ ପାଣିଗ୍ରାହୀ, ଅନୁରାଗୀ ନାହକ, ବିନୋଦ କାଲସାଏ, ମୁନା ପଟ୍ଟନାୟକ ଉପସ୍ଥିତ ଥିଲେ।

# ବ୍ଲକ ଅଫିସ ଘେରିଲା ବିଜେଡି

**ଖପ୍ରାଖୋଲ,୨୩।୧୧(ଡି.ଏନ.ଏ.):** ଦରଦାମ ବୃଦ୍ଧି ପ୍ରତିବାଦରେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବିଜେଡି ପକ୍ଷରୁ ମଙ୍ଗଳବାର ବ୍ଲକ ଅଫିସ ଘେରାଉ କରାଯାଇଥିଲା। ଦଳୀୟ କର୍ମୀମାନେ ଗ୍ୟାସ, ଡିଜେଲ ଓ ପେଟ୍ରୋଲ ସହ ଖାଇବା ତେଲଦର ବୃଦ୍ଧିବିରୋଧରେ ସ୍ଲୋଗାନ ଦେଇ ଏକ ରାଲିରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ଗ୍ୟାସ ଦର ବୃଦ୍ଧି ରୋଷେଇ ଘର ଉପରେ ପ୍ରଭାବ ପକାଉଛି ବୋଲି କହିଥିଲେ। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ରଶ୍ମିରଞ୍ଜନ ରାଉତଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଘେରାଉ କାର୍ଯ୍ୟକ୍ରମରେ ଖପ୍ରାଖୋଲ ବ୍ଲକ ବିଜୁ ଜନତା ଦଳ ମହିଳା ସଭାନେତ୍ରୀ ରଞ୍ଜିତା ସୁନା, ବିଧାୟକ ପ୍ରତିନିଧି ପଞ୍ଚୁଦେବ ସାହୁ ପବିତ୍ର ପଟେଲ, ସତ୍ୟନାରାୟଣ ମେହେର, ନରେନ୍ଦ୍ର ଭୋଇ ପ୍ରମୁଖ ଯୋଗ ଦେଇଥିଲେ।

# ବିଜେଡିର ବ୍ଲକସ୍ତରୀୟ କର୍ମୀ ସମାବେଶ

**ଦେଓଗାଁ,୨୩।୧୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲିଠାରେ ମଙ୍ଗଳବାର ବିଜେଡିର ବ୍ଲକସ୍ତରୀୟ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଜିଲା ପରିଷଦ ସଭ୍ୟ ତଥା ବ୍ଲକ ବିଜେଡି ସଭାପତି ସୁଶୀଲ କୁମାର ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ପୂର୍ବତନ ଏମପି କଳିକେଶ ନାରାୟଣ ସିଂଦେଓ, ଯୁବନେତା ଅର୍କେଶ ନାରାୟଣ ସିଂ ଦେଓ, ଜିଲା ସମ୍ପାଦକ ଉମା ଶଙ୍କର ସିଂ, ବିଜୁ ଯୁବ ଜନତାଦଳ ଜିଲା ସଭାପତି ରାଜେନ୍ଦ୍ର ହୋତା,ବ୍ଲକ ଅଧ୍ୟକ୍ଷା ରୀନା ମେହେର, ବରିଷ୍ଠ ନେତା ଲକ୍ଷ୍ମଣ କୁମାର ମେହେର, ବ୍ଲକ ସଭାନେତ୍ରୀ ମମତା କୁମୁରା ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ଉଭୟ ୧୨ ଓ ୧୩ ନଂ ଜୋନରେ ପୁନଃ ବିଜୟ ପାଇଁ ସମସ୍ତେ ଏକଜୁଟ ହୋଇ ଲଢ଼େଇ କାମ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ପ୍ରତ୍ୟେକ ପଞ୍ଚାୟତରେ ଦଳୀୟ ନେତୃତ୍ୱର ନିଷ୍ପତ୍ତି ଅନୁସାରେ ସରପଞ୍ଚ, ସମିତି ସଭ୍ୟ ପ୍ରାର୍ଥିଙ୍କୁ ବିଜୟୀ କରିବା ଉପରେ ଆଲୋଚନା ହୋଇଥିଲା। ପରେ ଦଳୀୟ କର୍ମୀ ଓ ନେତା ଏକ ଶୋଭାଯାତ୍ରାରେ ବ୍ଲକ ଅଫିସ ସମ୍ମୁଖକୁ ଯାଇ ଏଲପିଜି ଗ୍ୟାସର ଆହେତୁକ ଦରବୃଦ୍ଧି ପ୍ରତିବାଦ କରି ବିଡିଓ ମୂରଲୀଧର ନାଏକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ଗୁରୁଦେବ ରଣା, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ସରପଞ୍ଚ ସଂଘ ସଭାପତି ଦୟାନିଧି ଖମାରୀ, ଛାତ୍ର ସଭାପତି ଦୀପକ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଯୁବନେତା ଶୈଳେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ଭାଲୁ ଆକ୍ରମଣରେ ଯୁବତୀ ଗୁରୁତର

**ନୂଆପଡ଼ା ଅଫିସ:** ନୂଆପଡା ଜିଲା କୋମନା ବ୍ଲକ ଡୋର୍ଲାମୁଣ୍ଡା ପଞ୍ଚାୟତ ଛତା ଗାଁର ଜଣେ ଯୁବତୀ ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବତୀ ହେଲେ ଛବିଳା ମାଝି (୨୦)। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଛବିଳା ତାଙ୍କ ବଡ ଭଉଣୀଙ୍କ ସହିତ ଛତା ସଂରକ୍ଷଣ ଜଙ୍ଗଲ ପାଖ ନିଜ ଚାଷ ଜମିକୁ ଧାନ କାଟିବା ପାଇଁ ଯାଇଥିଲେ। ସେହି ସମୟରେ ହଠାତ ଏକ ଭାଲୁ ଆସି ଛବିଳାଙ୍କୁ ଆକ୍ରମଣ କରିଥିଲା। ପାଖରେ ଥିବା ବଡଭଉଣୀ ଚିତ୍କାର କରିବାରୁ ପଡୋଶୀମାନେ ଦୌଡି ଆସି ଭାଲୁ କବଳରୁ ଛବଳାଙ୍କୁ ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ଭେଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସାଂଘାତିକ ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ସଂକ୍ଷେପରେ

### ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ: ଟଟିଆଗୁଡ଼ା, କେରାପଦର ବିଜୟୀ

**ବୋଡେନ,୨୩।୧୧(ଡି.ଏନ.ଏ.):** ନୂଆପଡା ଜିଲା ବୋଡେନ ହାଇସ୍କୁଲ ଖେଳ ପଡିଆରେ ଅଶ୍ୱିନ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀରେ ଟଟିଆଗୁଡ଼ା ଦଳ ଓ ଟେମରି ଦଳ ମଧ୍ୟରେ ଖେଳ ହୋଇଥିଲା। ଟ୍ରାଇବ୍ରେକରରେ ଟଟିଆଗୁଡ଼ା ୧-୦ ଗୋଲରେ ବିଜୟ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ଫୁଟୁପଡ଼ା ଓ କେରାପଦର ଦଳ ମଧ୍ୟରେ ଖେଳ ହୋଇଥିବା ବେଳେ କେରାପଦର ଦଳ ୧-୦ ଗୋଲରେ ବିଜୟ ଲାଭ କରିଥିଲା। ବଳରାମ ସରାଫ ଖେଳ ଶିକ୍ଷକ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଖେଳାଳି ରହିମାନ ମହମ୍ମଦ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭମର ବୈରାଗୀ, ବୈଷ୍ଣବ ଦୁରିଆ, ହରିଶ ମାଝି, ପବିତ୍ର ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଅଶ୍ୱିନ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ସଭାପତି ସୁବୋଧ ମାଝି ଓ ସମ୍ପାଦକ ନିରେଶ ମାଝି, କର୍ମକର୍ତ୍ତା ସୁମିତ୍ର ମାଝି, କୃଷ୍ଣଚନ୍ଦ୍ର ମାଝି ପ୍ରମୁଖ ସହଯୋଗ କରିଥିଲେ।

### ଅଦିନିଆ ବର୍ଷାରେ ଭିଜିଲା ଅମଳ ଧାନ

**ଗୁପ୍ତାରୋଡ,୨୩।୧୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକର କେତେକାଂଶରେ ଶନିବାର ଅପରାହ୍ନରୁ ହଠାତ୍ ବର୍ଷା ହୋଇଛି। ଫଳରେ ବହୁ ଚାଷୀଙ୍କ ଅମଳ ଧାନ ଓ କପା ଫସଲ ଭିଜି ଯାଇଛି। ଚାଷ ଆରମ୍ଭରୁ ବର୍ଷା ପାଣି ଉପରେ ନିର୍ଭରଶୀଳ ଚାଷୀ ମରୁଡ଼ିର ଶିକାର ହୋଇଛନ୍ତି। ଯେଉଁ ଚାଷୀଙ୍କ ଜମିରେ କେନାଲ ପାଣି, ଉଠା ଜଳସେଚନ ଓ ଡିପ ବୋରୱେଲ ପାଣି ମିଳିଥିଲା ସେଠାରେ ଧାନ ଫସଲ ଭଲ ହୋଇଛି। ଏବେ ଅଦିନିଆ ବର୍ଷା ପାଣିରେ କପା କଳା ରଙ୍ଗ ପଡ଼ିଥିବାରୁ କମ ମୂଲ୍ୟରେ ବିକ୍ରି ହେବ ବୋଲି ଚାଷୀ ଆଶଙ୍କା କରିଛନ୍ତି। କଟା ଧାନ ଜମିରେ ରହି ଗଜା ହେଉଛି। ଏଭଳି ସ୍ଥିତିରେ ମଣ୍ଡି ଖୋଲିବା ମଧ ବିଳମ୍ବ ହେଉଛି। ଜିଲା ପ୍ରଶାସନ ପକ୍ଷରୁ କ୍ଷତି ଆକଳନ କରାଯାଇ ସହାୟତା ରାଶି ପ୍ରଦାନ କରିବାକୁ ଦାବି ହେଉଛି।

### ଧର୍ମପରାୟଣ ମହିଳାଙ୍କ ପରଲୋକ

**ଜୁନାଗଡ,୨୩।୧୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ହାବସପୁର



ଗ୍ରାମର ଚନ୍ଦ୍ରକଳା ସାହୁ (୯୨)ଙ୍କ ମଙ୍ଗଳବାର ନିଜ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କ ପରଲୋକ ଖବରରେ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ସେ ଜଣେ ଧର୍ମପରାୟଣ ଓ ପରୋପକାରୀ ମହିଳା ଭାବେ ବେଶ ପରିଚିତ ଥିଲେ। ମୃତ୍ୟୁ ବେଳକୁ ପୁଅ ସୁରେନ୍ଦ୍ର, ସୁରେଶ, ସୁବାଷ, ସୁଧୀର, ସନ୍ତୋଷଙ୍କ ପରିବାର ଓ ସମ୍ପର୍କୀୟ ଲୋକେ ଉପସ୍ଥିତ ଥିଲେ। ବଡପୁଅ ସୁରେନ୍ଦ୍ର ମୁଖାଗ୍ନି ଦେଇଥିଲେ। ଶେଷଦର୍ଶନ ସମୟରେ ଅଞ୍ଚଳର ଅନେକ ଲୋକଙ୍କ ଜନସମାଗମ ଦେଖିବାକୁ ମିଳିଥିଲା।

### ୪ଦଫା ଦାବିରେ ଚାଷୀଙ୍କ ଧାରଣା

**ଅତାବିରା,୨୩।୧୧(ଡି.ଏନ.ଏ):** ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ଅତାବିରା ଶାଖା ପକ୍ଷରୁ ୪ ଦଫା ଦାବିରେ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ପ୍ରତିମୂର୍ତ୍ତି ତଳେ ଧାରଣା ଦିଆଯାଇଛି। ଜଳସେଚିତ ରୟତି ଜମିର ଦଖଲ ଅନୁଯାୟୀ ଧାନ ବିକ୍ରି ପଞ୍ଜୀକରଣ କରାଯିବା, ଚାଷୀଙ୍କ ଧାନ ବସ୍ତାର ମୂଲ୍ୟ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା, ନିର୍ଦ୍ଦିଷ୍ଟ କ୍ରୟକେନ୍ଦ୍ରରେ ପଞ୍ଜୀକୃତ ଚାଷୀଙ୍କ ଧାନ ବିକ୍ରି ଯାଏ କ୍ରୟକେନ୍ଦ୍ର କାର୍ଯ୍ୟକ୍ଷମ ରହିବା ଏବଂ ରବି ଫସଲ କ୍ଷୟକ୍ଷତି ଜନିତ ଇନପୁଟ୍ ସବ୍‌ସିଡ଼ି ତୁରନ୍ତ ପ୍ରଦାନ ଦାବିରେ ଏହି ଧାରଣା ଚାଲିଛି। ଏଥିରେ କୃଷକ ସଙ୍ଗଠନର ଅନେକ ଚାଷୀ ପ୍ରତିନିଧି ସାମିଲ ହୋଇଛନ୍ତି।

### କ୍ରୀଡା ସଙ୍ଗଠକ ମହମ୍ମଦ ମେହେଫୁଜ୍‌ଙ୍କ ପରଲୋକ

**ବଲାଙ୍ଗୀର ଅଫିସ,୨୩।୧୧:** ବଲାଙ୍ଗୀରର ଜଣାଶୁଣା କ୍ରୀଡା ସଙ୍ଗଠକ ମହମ୍ମଦ ମେହେଫୁଜ୍‌ଙ୍କ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କ ମରଶରୀର ମଙ୍ଗଳବାର ବଲାଙ୍ଗୀର ଅଣାଯିବା ପରେ ସହର ପରିକ୍ରମା କରାଯାଇ ବିଷ୍ଣୁମୁଣ୍ଡା କବରସ୍ଥାନରେ କବର ଦିଆଯାଇଛି। ଶେଷକୃତ୍ୟରେ ମୁସଲମାନ୍ ସମ୍ପ୍ରଦାୟର ବିଶିଷ୍ଟ ବ୍ୟକ୍ତିଙ୍କ ସହ ସହରର ବୁଦ୍ଧିଜୀବୀ ଓ କ୍ରୀଡା ସଙ୍ଗଠନ ଯୋଗଦାନ କରିଥିଲେ। ନିମୋନିଆରେ ପୀଡିତ ହେବା ପରେ ତାଙ୍କୁ ଗତ ୧ ତାରିଖରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

# ତହସିଲଦାରଙ୍କଠାରେ ଫେରାଦ ହେଲେ ଚାଷୀ

**ଧର୍ମଗଡ଼,୨୩।୧୧(ଡି.ଏନ.ଏ.)**

ଇନ୍ଦ୍ରାବତୀ ଜଳଭଣ୍ଡାରରୁ ମେଗା ଲିଫ୍ଟ କେନାଲ ଜରିଆରେ ଜଳସେଚନ ଦାବି ନେଇ ମଙ୍ଗଳବାର ଧର୍ମଗଡ଼ ବ୍ଲକ ୬ଟି ଗ୍ରାମର ଚାଷୀ ସ୍ଥାନୀୟ ତହସିଲଦାର ହରେକୃଷ୍ଣ ବେହେରାଙ୍କଠାରେ ଫେରାଦ ହୋଇଛନ୍ତି। ସେମାନେ ଏ ବିଷୟରେ ତହସିଲଦାରଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, କଳାହାଣ୍ଡି ଜିଲାର ଜୟପାଟଣା, କୋକସରା ଓ ଧର୍ମଗଡ଼ ବ୍ଲକର ଅଣଜଳସେଚିତ ଚାଷଜମିକୁ ଜଳସେଚନ ଆରମ୍ଭ ହୋଇଛି। ଏଥିରେ ଉପରୋକ୍ତ ୩ ବ୍ଲକର ୨୫ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଚାଷଜମିକୁ ଜଳସେଚିତ ହେଉଛି। ଗାଁ ପାଖ ଦେଇ ମେଗା ଲିଫ୍ଟ କେନାଲ ଯାଇଥିଲେ ମଧ୍ୟ ଧର୍ମଗଡ଼ ବ୍ଲକର ୬ଟି ଗ୍ରାମ ବଡ଼ଗୁମର, ଅଁଏଲାଯୋର, ଇଛାପୁର, ବୋଡେନ, ଖୁଣ୍ଟୁଗୁଡ଼ା ଓ ରାବନଗୁଡ଼ା ଅଞ୍ଚଳର ୨୫ ଶହରୁ ୩ ହଜାର ହେକ୍ଟର ଚାଷଜମି ପାଣି ଅଭାବରୁ ଅଣ ଜଳସେଚିତ ହୋଇରହିଛି। ଗୋଟିଏପଟେ ମେଗା ଲିଫ୍ଟ କେନାଲ ଓ ଅନ୍ୟ ପାଖରେ ଇନ୍ଦ୍ରାବତୀ ବାମ କେନାଲ ଥିବା ସତ୍ତ୍ୱେ ଏହି ୬ଟି ଗ୍ରାମର ଚାଷଜମିକୁ ପାଣି ମାଡୁନାହିଁ। ପ୍ରତିବର୍ଷ ବର୍ଷା ଅଭାବରୁ ଅଞ୍ଚଳରେ ମରୁଡି ଯୋଗୁ ଋଣ ବୋଝ ଓ ଆର୍ଥିକ ସମସ୍ୟା ଦେଇ ଅଞ୍ଚଳର ହଜାର ହଜାର ଚାଷୀ ଗତି କରୁଛନ୍ତି। ବିଭିନ୍ନ ସମୟରେ ଜିଲା ପ୍ରଶାସନ ଓ ନେତା ମନ୍ତ୍ରୀଙ୍କ ନିକଟରେ ସମସ୍ୟା ଉପସ୍ଥାପନ କରି ଆସୁଥିଲେ ମଧ୍ୟ ପ୍ରତିଶ୍ରୁତି ଛଡା କୌଣସି ପ୍ରତିକାର ହୋଇନାହିଁ।



ଚାଷୀମାନେ ତହସିଲଦାରଙ୍କଠାରେ ଫେରାଦ ହୋଇଛନ୍ତି।

### ମେଗା ଲିଫ୍ଟ କେନାଲରୁ ଜଳସେଚନ ଦାବି

ଏପରିସ୍ଥଳେ ମେଗା ଲିଫ୍ଟ କେନାଲ ଉଦ୍‌ଘାଟନ ପରେ ଅଞ୍ଚଳର ଚାଷୀଙ୍କ ଦୁଃଖ ବୁଝିବ ବୋଲି ଆଶା କରାଯାଉଥିଲା। ହେଲେ ତାହା ବି ହେଲାନାହିଁ। କେବଳ ଧର୍ମଗଡ ବ୍ଲକ ଅଁଏଲାଜୋର ଗାଁ ମୁଣ୍ଡରେ ଆସି ଅଟକି ଯାଇଛି ମେଗା ଲିଫ୍ଟ କେନାଲ। ତେଣୁ ମେଗା ଲିଫ୍ଟ କେଲାନରୁ ଜଳ ସେଚନ ଯୋଗାଇବା ଦାବି ନେଇ ତହସିଲଦାରଙ୍କଠାରେ ଫେରାଦ ହୋଇଛନ୍ତି ଚାଷୀ। ଚାଷୀ ଏକାଦଶୀ ଗୋପାଳଙ୍କ ନେତୃତ୍ୱରେ ହିମାଂଶୁ ପଣ୍ଡା, କଂଶ ଭଏଁସାଲ, ଭଗବାନ ମାଝି, କେତୁ ଭଏଁସାଲ, ପ୍ରେମାନନ୍ଦ ଭଏଁସାଲ, କରୁଣା ଭଏଁସାଲ, ଗୋଲକଚନ୍ଦ୍ର ଗୋପାଲ, କାଶିରାମ ଭଏଁସାଲ, ପ୍ରତାପ ଭଏଁସାଲ ପ୍ରମୁଖ ଉପସ୍ଥିତ ଥିଲେ।

# ରନ୍ଧନ ଗ୍ୟାସ ଦରହ୍ରାସ ଦାବିରେ ରଣହୁଙ୍କାର




ବରଗଡ଼ ଗାନ୍ଧୀ ଛକରେ ବିଜେଡ଼ିର ଧାରଣା।

**ବରଗଡ଼ ଅଫିସ୍,୨୩।୧୧**

ରନ୍ଧନ ଗ୍ୟାସ୍ ଦର ଅହେତୁକ ବୃଦ୍ଧି ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ମଙ୍ଗଳବାର ବରଗଡ଼ ବିଜୁ ମହିଳା ଜନତା, ବିଜୁ ଯୁବ, ଛାତ୍ର ଜନତା ପକ୍ଷରୁ ସ୍ଥାନୀୟ ଗାନ୍ଧୀଛକରେ ଧାରଣା ଦିଆଯାଇଥିଲା। ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଧାରଣାରେ ବିଜେଡ଼ି ନେତୃମଣ୍ଡଳୀ କେନ୍ଦ୍ର ବିରୁଦ୍ଧରେ ରଣହୁଙ୍କାର ଦେଇ ରନ୍ଧନ ଗ୍ୟାସ ଦର ହ୍ରାସ ପାଇଁ ଦାବି କରିଥିଲେ। ପୂର୍ବତନ ବିଧାୟକ ସାଧୁ ନେପାକ, ପୂର୍ବତନ ପୌରାଧ୍ୟକ୍ଷ ପ୍ରଶାନ୍ତ ବେହେରା, ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ କୁମାର ନାଏକ, ଟାଉନବିଜେଡ଼ିସଭାପତିକିଶୋରମିଶ୍ର, ବ୍ଲକ ଅଧ୍ୟକ୍ଷା ମଞ୍ଜୁ ପଣ୍ଡା, ଜିଲା ପରିଷଦ ସଭ୍ୟ ଉମେଶ ବେହେରା, ନଗର ମହିଳା ବିଜେଡ଼ି ସଭାନେତ୍ରୀ କଳ୍ପନା ମାଝି, ବିଜେଡ଼ି ନେତା ବିମଳ ଦେବତା, ହିମାଂଶୁ ଦାଶ, କରନ ସିକନ୍ଦର, ମଞ୍ଜୁ ମଲ୍ଲିକ, ଜ୍ୟୋତ୍ସ୍ନା ପାଇକ, ଶଲୋନୀ ସିଂ, ଜିତୁ ଭୋଇ, ଉମାଚରଣ ରାଉତ, ଲୁଲୁ ଦଲାଇ, ଅଭିଷେକ ମାଝି, କ୍ଷୀରୋଦ୍ର ସାହୁ, ସୁଜିତ ମହାନ୍ତି, ତୁଷାର ମହାନ୍ତି, କମଳ ତାଣ୍ଡି ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପରେ ଏ ନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବରଗଡ଼ ପୌର ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସନାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

**ଅମରପାଲି,(ଡି.ଏନ.ଏ):** ବୀରମହାରାଜପୁର ବିଜେଡି ତରଫରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ବିଡିଓ ମୋତିଲାଲ ସୁଲିଆଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରନ୍ଧନ ଗ୍ୟାସ ଦର ହ୍ରାସ କରିବାକୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲା ବିଜେଡି ସମ୍ପାଦକ ରଞ୍ଜିତ ରଥ, ବ୍ଲକ ଯୁବ ବିଜେଡି ସଭାପତି ନାରାୟଣ ଲୁହା, ବ୍ଲକ ମହିଳା ବିଜେଡି ସଭାପତି ସୁପ୍ରଭା ଖେତି, ବ୍ଲକ ଛାତ୍ର ବିଜେଡି ସଭାପତି ଭଗବାନ କର୍ଣ୍ଣ, ଜିଲା ଛାତ୍ର ବିଜେଡି ଉପସଭାପତି ଶୈଳ ରଞ୍ଜନ ବାଦୀ ଯୋଗ ଦେଇଥିଲେ।

**ବିନିକା,(ଡି.ଏନ୍.ଏ):** ବିନିକା ବ୍ଲକ ବିଜୁ ଯୁବ ଛାତ୍ର ଜନତା ଦଳର ଜିଲା ସଭାପତି ଅଶୋକ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ଲକ ବିଜେଡି ସଭାପତି ଦ୍ୱାରିକା ନାଥ ସାହୁ, ବ୍ଲକ ଯୁବ ବିଜେଡି ସଭାପତି ପ୍ରତାପ ଚାନ୍ଦ, ମହିଳା ବିଜେଡର ତପସ୍ୱିନୀ ମେହେର, ବିନିକା ଏନ୍‌ଏସି ଯୁବ ବିଜେଡି ସଭାପତି ବିନୟ ମେହେର, ଅଚ୍ୟୁତ୍ କଣ୍ଟା, ମନୋରଞ୍ଜନ ମିଶ୍ର ଉପସ୍ଥିତ ଥିଲେ।

**ସୋନପୁର,(ନି.ପ୍ର.):** ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ଅଫିସ ସମ୍ମୁଖରେ ଆୟୋଜିତ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମରେ ବିଜେଡି ଜିଲା ସଭାପତି ସରୋଜ କୁମାର କର୍ଣ୍ଣ, ମହିଳା ବିଜେଡିର ରାଜ୍ୟ ସମ୍ପାଦିକା ସୌଦାମିନୀ ଜେନା, ରୀତାଞ୍ଜଳି ପାତ୍ର, କଇରୁ ସ୍ୱାଇଁ, ପ୍ରକାଶ ସାହୁ, ଅଭିମନ୍ୟୁ କୁଶଳ, ନୀଳାମ୍ବର ଶତପଥୀ, ଟାଉନ ବିଜେଡି ସଭାପତି ଜନ୍ମେଜୟ ପାତ୍ର, ସିତୁ ମହାପାତ୍ର ଓ ଛାତ୍ର ବିଜେଡି ଜିଲା ସଭାପତି ଶାଶ୍ୱତ କୁମାର ମିଶ୍ର ନେତୃତ୍ୱ ନେଇଥିଲେ। ସୋନପୁର ବ୍ଲକ ଅଫିସ ସମ୍ମୁଖରେ ଅନୁଷ୍ଠିତ ଆନ୍ଦୋଳନରେ ମହିଳା ବିଜେଡି ରାଜ୍ୟ ସାଧାରଣ ସମ୍ପାଦିକା ମିନତୀ ସାହୁ, ବ୍ଲକ ଅଧକ୍ଷା ମନ୍ଦାକିନୀ ନାଗ, ଉପାଧକ୍ଷା ମାଧବୀଲତା କଅଁର, ବ୍ଲକ ବିଜେଡି ସଭାପତି ଶଙ୍କର ପ୍ରସାଦ ସା ପ୍ରମୁଖ ନେତୃତ୍ୱ ନେଇଥିଲେ।

**ତରଭା,(ଡି.ଏନ.ଏ.):** ତରଭା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭାରେ ବ୍ଲକ ଅଧକ୍ଷା ସସ୍ମିତା ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଜିଲା ସଂପାଦକ ମାନଭଞ୍ଜନ ମିଶ୍ର, ଜିଲା ପରିଷଦ ସଭ୍ୟ ପ୍ରବୀଣ ନାଗ, ପ୍ରଭାସିନୀ ମିଶ୍ର, ଛାତ୍ର ସଭାପତି ହେମନ୍ତ ମାଝୀ, ଗଦିଦାର କୁଅଁର, ରାଜେନ୍ଦ୍ର ଝାଙ୍କର, ଶୈଳେନ୍ଦ୍ର ସାହୁ ବକ୍ତବ୍ୟ ରଖିଥିଲେ।

**ଲୋଇସିଂହା,(ଡି.ଏନ.ଏ):** ଲୋଇସିଂହା ବ୍ଲକ ଅଫିସ ସମ୍ମୁଖରେ ଯୁବ ବିଜେଡି ସଭାପତି ପ୍ରକାଶ ମହାରଣା ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଜେଡି ରାଜ୍ୟ ପରିଷଦ ସଦସ୍ୟ ନିହାର ରଞ୍ଜନ ବେହେରା ଏଥିରେ ଯୋଗଦେଇ ରନ୍ଧନ ଗ୍ୟାସର ଅହେତୁକ ଦରବୃଦ୍ଧିକୁ କଡା ସମାଲୋଚନା କରିଥିଲେ। ହୃଦୟାନନ୍ଦ ବେହେରା, ସହଦେବ ସା, ଅନନ୍ତ କୁମାର ସାହୁ, ମହିଳା ସବାନେତ୍ରୀ ଜ୍ୟୋତ୍ସ୍ନାମୟୀ ନାଗ,ପୁଷ୍ପାଞ୍ଜଳି ସାହୁ ପ୍ରମୁଖ ବକ୍ତବ୍ୟ ରଖି ଥିଲେ।

**ଟିଟିଲାଗଡ଼(ଡି.ଏନ.ଏ):** ଟିଟିଲାଗଡରେ ରାଜ୍ୟ ବିଜେଡି ପରିଷଦ ସଦସ୍ୟ ପ୍ରମୋଦ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, ଟିଟିଲାଗଡ ପଞ୍ଚାୟତ ସମିତି ଅଧକ୍ଷା ରମାକାନ୍ତି ପୁଟେଲ, ଉପାଧକ୍ଷ ଭୋଦର ମାଝୀ, ଜିଲା ପରିଷଦ ସଭ୍ୟ ଶଙ୍କର ଛୁରା, ପ୍ରେମ ଜୈନ, ଦୟାରାମ ଅଗ୍ରୱାଲ, ଗୋବର୍ଦ୍ଧନ ନାଗ, ରୁଟୁ ବାଗ, ମୁନା ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ବରଗଡ଼ ୟୁନାଇଟେଡ୍ କ୍ଲବ ଚାମ୍ପିୟନ

**ବରଗଡ଼ ଅଫିସ,୨୩।୧୧**

ବରଗଡ଼ ବ୍ଲକ ଅନ୍ତର୍ଗତ ବରଗେଇବିରାଠାରେ ୩୦ତମ ପ୍ରଦୀମ ମେମୋରିଆଲ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଛି। ଗତ ୧୫ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ବରଗଡ଼ର ୟୁନାଇଟେଡ୍ କ୍ଲବ ଏବଂ ସୋହେଲା ଆଥଲେଟିକ ଆସୋସିଏସନ ଫାଇନାଲକୁ ଉନ୍ନୀତ ହୋଇଥିଲେ। ଫାଇନାଲରେ ୟୁନାଇଟେଡ୍ କ୍ଲବ ପ୍ରତିପକ୍ଷ ସୋହେଲାକୁ ୧-୦ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ଗୋପବନ୍ଧୁ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏବଂ ବରଗଡ଼ ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ କୁମାର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ନଗଦ ୩୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ସମ୍ମାନିତ ଅତିଥି ଯୁବନେତା ଉମେଶ ପଣ୍ଡା, ଜିଲା ପରିଷଦ ସଭ୍ୟ ଉମେଶ ବେହେରା ରନର୍ସ ଅପ୍ ଦଳକୁ ନଗଦ ୨୦ହଜାର ସହିତ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏସ୍‌ଏଫ ଯବାନ ଅର୍ଜୁନ ଷଣ୍ଢ, ଭାରତୀୟ ସେନାର ଯବାନ ଆଶିଷ ପ୍ରଧାନ, ଡୋଲାମଣି ସାହୁ, ସୁରେଶ ପଣ୍ଡା ପ୍ରମୁଖ ଯୋଗଦେଇ ଶ୍ରେଷ୍ଠ ଗୋଲ କିପର ସୁନୀଲ ବାବୁ ଏବଂ ମ୍ୟାନ୍ ଅଫ ଦି ଟୁର୍ଣ୍ଣାମେଣ୍ଟ ୟୁନାଇଟେଡ୍ କ୍ଲବର ରାଜୁ ଭୁଏଁଙ୍କୁ ପୁରସ୍କୃତ କରିଥିଲେ। ଅଜିତ ପ୍ରଧାନ ପୁରସ୍କାର ବିତରଣୀ ସମାରୋହ ସଂଯୋଜନା କରିଥିଲେ। ବିଜୟ ଷଣ୍ଢ, ଲକ୍ଷ୍ମଣ ପ୍ରଧାନ, ମଦନ ବିଶି, ଭୁବାନନ୍ଦ ସାହୁ, ବିକାଶ ନାଏକ, ମନୋଜ ପୁରୋହିତ, ମିଥୁନ ଭୋସାଗର, ଅକ୍ଷୟ ବିଶି, ଅରୁଣ ବିଶି ସହଯୋଗ କରିଥିଲେ।

# ପ୍ରୋଗ୍ରାମ ଅଫିସରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ



**ବରଗଡ଼ ଅଫିସ୍/ବରପାଲି,୨୩।୧୧**

ବରଗଡ଼ ଜିଲା ସମାଜ ମଙ୍ଗଳ ଅଧିକାରୀ (ଡିଏସ୍‌ଡବ୍ଲ୍ୟୁଓ)ଙ୍କ କାର୍ଯ୍ୟାଳୟରେ ପ୍ରୋଗ୍ରାମ ଅଫିସର ଭାବେ କାର୍ଯ୍ୟରତ ଚନ୍ଦ୍ର ସାହୁଙ୍କ ବରପାଲି ସ୍ଥିତ ବାସଭବନରେ ମଙ୍ଗଳବାର ଭିଜିଲାନ୍ସ ଚଢ଼ାଉ କରିଛି। ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଏହି ଚଢ଼ାଉ ହୋଇଛି। ବରଗଡ଼ ଅଫିସ୍ ଓ ବରପାଲି ସ୍ଥିତ ବାସଭବନରେ ଏକକାଳୀନ ଏହି ଚଢ଼ାଉ ହୋଇଥିଲା। ଡିଏସ୍‌ପି ମାନସୀ ଜେନାଙ୍କ ନେତୃତ୍ୱରେ ୩ଜଣ ଇନ୍ସପେକ୍ଟର ଏବଂ ଅନ୍ୟ ବିଭାଗୀୟ କର୍ମଚାରୀମାନେ ଚଢ଼ାଉରେ ସାମିଲ ହୋଇଥିଲେ। ଖବର ଲେଖାହେବା ସୁଦ୍ଧା ସାହୁଙ୍କ ବରପାଲି ୨ତାଲା ବିଶିଷ୍ଟ କୋଠାଘର, ୨ଟି ଜମି ପ୍ଲଟ, ୨ଟି ୪ଚକିଆ ଯାନ, ଗୋଟିଏ ବାଇକ୍, ନଗଦ ୩ଲକ୍ଷ ୫୪ହଜାର ୪୨୦ ଟଙ୍କା ଠାବ ହୋଇଛି। ତଦନ୍ତ ଜାରି ରହିଥିବାରୁ ସମୁଦାୟ ସମ୍ପତ୍ତି ଆକଳନ ହୋଇ ପାରିନାହିଁ।

# ସାମୂହିକ ଉଦ୍ୟମରେ ବାଲ୍ୟ ବିବାହ ରୋକାଯାଇ ପାରିବ

**ଅମରପାଲି,୨୩।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ମୈତ୍ରୀସଦନଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରେଆର ଆନୁକୂଲ୍ୟରେ ଏସ କେ ଏନ ସହଯୋଗରେ ମଙ୍ଗଳବାର ଦିନ ବ୍ଲକସ୍ତରୀୟ ବାଲ୍ୟବିବାହ ପ୍ରତିରୋଧ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଚାଇଲଡ ଲାଇନ ସଦସ୍ୟ ସୁଦାମ ଗାଇଗରିଆ ସ୍ୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ରେଆର ସମ୍ପାଦକ ଅନଙ୍ଗ ନେଗୀ ବାଲ୍ୟ ବିବାହ ପ୍ରତିରୋଧ ପାଇଁ ସାମୂହିକ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଲାଗି ଏହି କାର୍ଯ୍ୟକ୍ରମ ଉଦ୍ଦିଷ୍ଟ ବୋଲି ପ୍ରକାଶ କରିଥିଲେ। ଏକ ସନ ଏଡ ପ୍ରତିନିଧି ରାକେଶ ପ୍ରଧାନ ରାଷ୍ଟ୍ରୀୟ ସ୍ତରରୁ ଜିଲା ସ୍ତର ପର୍ଯ୍ୟନ୍ତ ବାଲ୍ୟ ବିବାହର ଏକ ତଥ୍ୟ ପ୍ରଦାନ କରିବା ସହିତ ସୁବର୍ଣ୍ଣପୁର ଜିଲାରେ ୨୨ପ୍ରତିଶତ ବାଲ୍ୟ ବିବାହ ହେଉଥିବା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ ମୁଖ୍ୟଅତିଥି ଏବଂ ଡା.ପ୍ରକାଶ ମହାନ୍ତି, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁରୁଷୋତ୍ତମ ଧରୁଆ,ଏବିଇଓ ବାର୍ଣ୍ଣା ଡୁଙ୍ଗଡୁଙ୍ଗ, ଜିଲା ଶିଶୁ ସୁରକ୍ଷା ୟୁନିଟର ରୁଦ୍ର ପ୍ରସନ୍ନ ମିଶ୍ର, ଚାଇଲଡ ଲାଇନ ସଦସ୍ୟା ଆନନ୍ଦିନୀ ଷାଣ୍ଡ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନେ ନିଜ ବକ୍ତବ୍ୟରେ ବାଲ୍ୟ ବିବାହ ଏକ ସାମାଜିକ ବ୍ୟାଧି ଏବଂ ସାମୁହିକ ଉଦ୍ୟମରେ ଏହାକୁ ପ୍ରତିରୋଧ କରାଯାଇପାରିବ ବୋଲି ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ପରିଦର୍ଶିକା ସୌମ୍ୟାସୀମା ସାହୁ, ଛାତ୍ରୀ ପୂଜା ସାହୁ, ସିୟା ସଭାପତି ଦିଲୀପ ପ୍ରଧାନ, ଦୁର୍ଯ୍ୟୋଧନ ମେହେର, ନେତ୍ରାନନ୍ଦ ବେହେରା ପ୍ରମୁଖ ବୀରମହାରାଜପୁର ଅଞ୍ଚଳରୁ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ସମସ୍ତେ ମିଳିତ ଭାବେ ଆଗେଇ ଆସିବା ଉଚିତ୍ ବୋଲି ମତ ଦେଇଥିଲେ।




ବୀରମହାରାଜପୁରରେ ଅନୁଷ୍ଠିତ ବାଲ୍ୟବିବାହ ପ୍ରତିରୋଧ କର୍ମଶାଳାରେ ମଞ୍ଚାସୀନ ଅତିଥି।

# ତଦନ୍ତ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

**ନୂଆପଡ଼ା ଅଫିସ,୨୩।୧୧**

### ଆବାସ ଟଙ୍କା ହଡ଼ପ ଘଟଣା

ନୂଆପଡା ଜିଲା ଖଡିଆଳ ବ୍ଲକ ଖାସବାହାଲ ପଞ୍ଚାୟତ ସରପଞ୍ଚ ତାଙ୍କ ମୃତ ଶାଶୁଙ୍କ ନାମରେ ମିଥ୍ୟା ଆବାସ ଗୃହ ଦେଖାଇ ଟଙ୍କା ଆତ୍ମସାତ କରିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାର ତଦନ୍ତ ଆଜି ପର୍ଯ୍ୟନ୍ତ ହୋଇ ନ ଥିବା ବେଳେ ସରପଞ୍ଚଙ୍କ ବିରୋଧରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ବିରୋଧରେ ସୋମବାରଠାରୁ ଖାସବାହାଲ ପଞ୍ଚାୟତବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ମଙ୍ଗଳବାର ଖଡିଆଳ ବିଡିଓ ନାରାୟଣ ସାହୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ସୂଚନା ଯେ, ଖାସବାହାଲ ପଞ୍ଚାୟତ ସରପଞ୍ଚଙ୍କ ଶାଶୁ ପାର୍ବତୀ ହରିଜନଙ୍କ ୨୦୧୬ ମସିହାରେ ମୃତ୍ୟୁ ଘଟିଥିଲା। ମୃତ ଶାଶୁଙ୍କ ନାମରେ ୨୦୧୦-୧୧ରେ ମଞ୍ଜୁର ହୋଇଥିବା ଆବାସ ଗୃହକୁ ସରପଞ୍ଚ ଚଞ୍ଚକତା କରି ୨୦୧୮-୧୯ ଆର୍ଥିକ ବର୍ଷରେ ପୁନଃକାର୍ଯ୍ୟାଦେଶ କରାଇ ମିଥ୍ୟା ଜିଓଟେଗିଂ କରି ଟଙ୍କା ଆତ୍ମସାତ କରିଛନ୍ତି ବୋଲି ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଯିବାରୁ ପଞ୍ଚାୟତବାସୀ ସୋମବାରଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣା ଦେଇଥିଲେ। ଏହି ଘଟଣାର ତଦନ୍ତ କରି ସତ୍ୟାସତ୍ୟ ଲୋକଲୋଚନକୁ ଆଣି ଆତ୍ମସାତ କରିଥିବା ବ୍ୟକ୍ତିଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବୁ ବୋଲି ତୁଳାରାମ ହଂସ, ପାରେଶ୍ୱର ତାଣ୍ଡି, ଦୁଳାମଣି ଛତ୍ରିଆ, ତିଳକ ରାମ ଶଗରିଆ, ଦେବବ୍ରତ ଟାହାଣି, ନୀଳମଣି ବାଗ, ଚିନ୍ତାମଣି ବାଗ, ଗୟାଧର ଅଦା, ପ୍ରଫୁଲ ଟାହାଣି ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଫେରିବା ବାଟକୁ ଚାହିଁ ବସିଛନ୍ତି ବୃଦ୍ଧ ଦମ୍ପତି

**ଲୋଇସିଂହା,୨୩।୧୧(ଡି.ଏନ.ଏ.)**

### ଦାଦନ ଖଟିବାକୁ ଯାଇ ଫେରିନାହାନ୍ତି ପୁଅ

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ଗାଁର ବସୁଦେବ ମେହେର(୨୮)। ତିନିବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ସେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଛନ୍ତି। ସେଠାରୁ ଫୋନରେ ବୃଦ୍ଧମା'ବାପାଙ୍କ ସହ ମଝିରେ ମଝିରେ କଥା ହୋଇ ଭଲମନ୍ଦ ବୁଝୁଥିଲେ। ହେଲେ ଗତ ୨ମାସ ହେଲା ବାସୁଦେବଙ୍କ ସହ ଯୋଗଯୋଗ ସମ୍ଭବ ହେଉନି। ଏଭଳି ସ୍ଥିତିରେ ମା' କଇଁରୀ ଓ ବାପା ହେମସାଗର ମେହେରଙ୍କ ଚିନ୍ତା ବଢି ଯାଇଛି। ସୋମବାର ବୃଦ୍ଧ ଦମ୍ପତି ଲୋଇସିଂହା ଥାନାକୁ ଯାଇ ଘଟଣା ସଂକ୍ରାନ୍ତରେ ଜଣାଇ ଖୋଜି ଆଣିବାକୁ ଆକୁଳ ନିବେଦନ କରିଛନ୍ତି। ବାଦିବାହାଲ ମେହେର ପଡାରେ ରହନ୍ତି ହେମସାଗର ମେହେର(୬୭) ଓ କଇଁରୀ ମେହେର(୬୧)। ପୁଅ ବସୁଦେବ ଏବଂ ୩ ଝିଅକୁ ନେଇ ତାଙ୍କ ପରିବାର। ୩ ଝିଅ ବାହା ହୋଇ ସାରିଛନ୍ତି। ଅଷ୍ଟମ ଯାଏ ପଢିଥିବା ପୁଅ ୩ବର୍ଷ ତଳେ ଗାଁର ଜଣେ ଯୁବକଙ୍କ ସହ ଘରୁ ଲୁଚି ଚାଲିଯାଇଥିଲେ। ବିଶାଖାପାଟଣାର ଏକ ଔଷଧ କମ୍ପାନୀରେ କାମ କରୁଥିବା ଫୋନରେ କହୁଥିଲେ। ଗତ ୨ମାସ ହେଲା ବାସୁଦେବଙ୍କ ସହ ଫୋନରେ ଯୋଗଯୋଗ ହୋଇ ପାରୁ ନ ଥିବା ହେମସାଗର କହିଛନ୍ତି। ଥାନାକୁ ଯାଇ ଜଣାଇଛୁ। ସାଙ୍ଗରେ ନେଇଥିବା ଯୁବକଙ୍କ ସହ ସେହି ସ୍ଥାନକୁ ଯାଇ ସେଠାକାର ଥାନାରେ ଏତାଲା ଦେବାକୁ ପୋଲିସ ପରାମର୍ଶ ଦେଇଥିବା ହେମସାଗର କହିଛନ୍ତି।





# ଜିଲ୍ଲା ପ୍ରଶାସନ, ସମ୍ବଲପୁର

ଏତଦ୍ଦ୍ୱାରା ନିୟନ୍ତ୍ରିତ ବଜାର କମିଟି, ସମ୍ବଲପୁର ଅନ୍ତର୍ଗତ ସମସ୍ତ ଚାଷୀ ଭାଇ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ଖରିଫ ୨୦୨୧-୨୨ ଋତୁରେ ଚାଷୀ ଭାଇ ଭଉଣୀମାନେ ଯେପରି ନିଜର ଉତ୍ପାଦିତ ଧାନ ସୁବିଧାରେ ବିକ୍ରୟ କରିପାରିବେ ସେଥି ନିମନ୍ତେ ଆସନ୍ତା ୨୪।୧୧।୨୦୨୧ରିଖଠାରୁ ନିମ୍ନଲିଖିତ ବଜାର ପ୍ରାଙ୍ଗଣରେ ନିର୍ଦ୍ଧାରିତ ଦିନମାନଙ୍କରେ ବିକ୍ରୟ କରିପାରିବେ।

| କ୍ର.ନଂ. | ବଜାର ପ୍ରାଙ୍ଗଣ/କ୍ରୟ କେନ୍ଦ୍ରର ନାମ | ଧାର୍ଯ୍ୟ ଦିନ |
|---|---|---|
| ୧. | ଗୋଶାଳା, ଲଡୁଖାଇ, ଆ.କଣ୍ଟାପାଲି, ବରେଇପାଲି (ରେମେଡ PACS), ବରେଇପାଲି, (ଶଙ୍କରମା) PACS, ଚାଉଁରପୁର, ଜାମପାଲି | ସୋମବାର, ମଙ୍ଗଳବାର, ବୁଧବାର ଓ ଶୁକ୍ରବାର |
| ୨. | ଚାରପାଲି, ଶାସନ, ତାଳବ PACS | ସୋମବାର, ବୁଧବାର ଓ ଶୁକ୍ରବାର |
| ୩. | ଗୋବିନ୍ଦପାଲି, ଗଡ଼ମୁଣ୍ଡା, କାଇଁସିର, ଧମା, ଦେଓଗାଁ, ବରଗାଁ, ବଟେମୁରା, ମାଳତୀ ଗୁଣ୍ଡେରପୁର, ସାହସପୁର, ବଦୁଆପାଲି, ଶଙ୍ଖଲା, ମିର୍ଗାମୁଣ୍ଡା, ପାଲଟିକିରା (ସନାତନ ପାଲି), ରେଙ୍ଗାଲି, ବାରଢୁଙ୍ଗୁରି, କତରବଗା, ମା-ମେଟାକାନୀ (SHG) | ସୋମବାର, ବୁଧବାର ଓ ଶୁକ୍ରବାର |
| ୪. | କୁଦ, ଆମ୍ଳିପାଲି, ମାତୃଶକ୍ତି SHG, ବିଶାଲଖିଣ୍ଡା, ସିନ୍ଦୂରପଙ୍କ, ଠେମେରା, କୁଳତା ନୂଆପାଲି, ତବଲା, ଗୁଡ଼େସିଂହା, ପରମାଣପୁର, ଭିକମପୁର, ନୂଆମୁରା (ରସିଆପାଲି), କୁକୁଡ଼ାପାଲି, ଗିରିପାଲି, ଖଲିଆପାଲି, ଜୟନ୍ତପୁର, କନଖିଣ୍ଡା | ମଙ୍ଗଳବାର, ଗୁରୁବାର ଓ ଶନିବାର |
| ୫. | ରାସନପୁର (ଝାଙ୍କରପାଲି), ନୂଆବରଙ୍ଗାମାଳ | ସୋମବାର, ମଙ୍ଗଳବାର, ଗୁରୁବାର ଓ ଶନିବାର |
| ୬. | ଯୁଯୋମୁରା, ଗଡ଼ଲୋଇସିଂହ (ମାତୃଶକ୍ତି SHG), କୟାକୁଦ (ମା ଅନ୍ନପୂର୍ଣ୍ଣା) SHG | ସୋମବାର, ଶନିବାର |
| ୭. | ଝାଙ୍କରପାଲି (କତରବଗା) | ମଙ୍ଗଳବାର, ଶନିବାର |
| ୮. | ଲଇଡ଼ା ମାର୍କେଟୟାର୍ଡ଼ | ସୋମବାର, ବୁଧବାର ଓ ଶନିବାର |
| ୯. | ମା' ବିରଜା (SHG) (ଗୋଶାଳା) | ସୋମବାର, ବୁଧବାର |
| ୧୦. | ମା' ଲକ୍ଷ୍ମୀ (SHG) (ରାସନପୁର) | ସୋମବାର, ଶୁକ୍ରବାର |
| ୧୧. | ଟାମ୍ପରଗଡ଼, ହାତୀବାରୀ | ବୁଧବାର |
| ୧୨. | ଛାମୁଣ୍ଡା, କେଶାପାଲି | ଗୁରୁବାର |
| ୧୩. | କିନାଲୋଇ, ମେଘପାଳ | ଶୁକ୍ରବାର |

ଚାଷୀ ଭାଇ, ଭଉଣୀମାନଙ୍କୁ ବିଶେଷ ଅନୁରୋଧ ତାଙ୍କର ଉତ୍ପାଦିତ ବଳକା ବିକ୍ରୟଯୋଗ୍ୟ ଶୁଖିଲା ଓ ପରିଷ୍କାର (FAQ) ମାନର ଧାନକୁ ଉପରୋକ୍ତ ଦିନଗୁଡ଼ିକରେ ସମୟ ସକାଳ ୮ ଘଟିକାଠାରୁ ମଧାହ୍ନ ୧୨ ଘଟିକା ପର୍ଯ୍ୟନ୍ତ ବିକ୍ରୟ କରିପାରିବେ। ଏତଦ୍‌ବ୍ୟତୀତ ପଞ୍ଜୀକୃତ କରିଥିବା ଚାଷୀ ଭାଇ ଭଉଣୀମାନେ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଟୋକନ ମାଧମରେ ସମ୍ପୃକ୍ତ ବଜାର ପ୍ରାଙ୍ଗଣ ତଥା ଧାନ କ୍ରୟକେନ୍ଦ୍ରମାନଙ୍କରେ ବିକ୍ରୟ କରିବାକୁ ଅନୁରୋଧ।

**ପ୍ରକାଶ ଥାଉକି ସରକାରଙ୍କ ନିର୍ଦ୍ଦେଶ ମୁତାବକ କରୋନା (COVID-19) ମହାମାରୀ ଭୟାବହତାକୁ ଦୃଷ୍ଟିରେ ରଖି ଧାନ କ୍ରୟ କେନ୍ଦ୍ର ତଥା ବଜାର ପ୍ରାଙ୍ଗଣମାନଙ୍କରେ ସାମାଜିକ ଦୂରତା ରକ୍ଷା କରିବା ସଙ୍ଗେ ସଙ୍ଗେ ମୁହଁରେ ମାସ୍କ ଦ୍ୱାରା ଆଚ୍ଛାଦିତ କରିବା ପାଇଁ ସବିନୟ ଅନୁରୋଧ।**

**ସରକାରଙ୍କ ଦ୍ୱାରା ଧାର୍ଯ୍ୟମତେ ନିମ୍ନଲିଖିତ ସର୍ବନିମ୍ନ ସହାୟକ ଦର**

| | ଧାନର କିସମ | କୁଇଣ୍ଟାଲ ପ୍ରତି ଦର |
|---|---|---|
| ୧. | ସାଧାରଣ ଧାନ (FAQ) | ଟ.୧୯୪୦.୦୦ |
| ୨. | 'କ' ଶ୍ରେଣୀ ଧାନ (FAQ) | ଟ.୧୯୬୦.୦୦ |

ସୌଜନ୍ୟ: ନିୟନ୍ତ୍ରିତ ବଜାର କମିଟି, ସମ୍ବଲପୁର